**ଅର୍ଥ ହଡପ ଅଭିଯୋଗ**

# ପୋଷ୍ଟ ମାଷ୍ଟର, ଓଭରସିୟର ଅଟକ



ଅସ୍ତରଙ୍ଗ, ୧୯ ।୧(ସମିସ):

ଟଙ୍କା ଡିପୋଜିଟ ପାଇଁ ସବୁଠୁ ସୁରକ୍ଷିତ ସ୍ଥାନ ଭାବେ ଲୋକଙ୍କ ନିକଟରେ ଆଦୃତ ହେଇଛି ଭାରତୀୟ ଡାକ ଘର। କିନ୍ତୁ ସେଠି ଯଦି ଟଙ୍କା ସୁରକ୍ଷିତ ରହିପାରିଲାନି ତାହାଲେ ସାଧାରଣଲୋକ କାହାକୁ ଭରସା କରିବେ ।ଅସ୍ତରଙ୍ଗ ବ୍ଲକ ନୂଆଗଡ଼ ଉପଡ଼ାକ ଘରେ ଉପଭୋକ୍ତାଙ୍କ ଟଙ୍କା ହଡପ ହେବା ପରି ଘଟଣା ଘଟିଛି। ସେଠାରେ ସାଧାରଣ ଜନତା ବିଭାଗର ବିଭିନ୍ନ ସ୍କିମରେ୧୦୦ଜଣରୁ ଅଧିକ ଲୋକ ରଖିଥିବା ୩ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ସେହି ଡାକ ଘରର ପୋଷ୍ଟ ମାଷ୍ଟର ପିୟବ୍ରତ ଦାସ ହଡପ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇ ନିମାପଡ଼ା ମୁଖ୍ୟ ଡାକଘର ର ଓଭରସିୟର ଲିଙ୍ଗରାଜ ସାହୁ ନୂଆଗଡ଼ ଉପ-ଡାକଘରକୁ ଆସି କାଗଜପତ୍ର ଯାଞ୍ଚ କଲା ବେଳେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇବା ପରେ ଗ୍ରାମ ବାସୀ ଦୁଇ ଜଣଙ୍କୁ ଅଟକ ରଖିଥିଲେ। ଗ୍ରାମବାସୀ ଆମ ଟଙ୍କା ଫେରେଇଲେ ଆମେ କର୍ମଚାରୀଙ୍କୁ ଛାଡିବୁ ବୋଲି ଅଡି ବସିଥିଲେ। ଖବର ପାଇ ନୂଆଗଡ଼ ସାମୁଦ୍ରିକ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଜା କରିଥିଲେ। ଶେଷ ଖବର ମିଳିବା ପର୍ଯ୍ୟନ୍ତ ସାମୁଦ୍ରିକ ଥାନା ପୁଲିସ ଉଭୟ ପକ୍ଷଙ୍କୁ ଡାକି ଆଲୋଚନା କରୁଥିବା ବେଳେ କୌଣସି ସମାଧାନର ବାଟ ବାହାରି ନଥିଲା।

**ନୟାହାଟରେ ନକଲି କବିରାଜଙ୍କ ପ୍ରାଦୁର୍ଭାବ**

# ଲୋକେ ଶୋଷଣର ଶିକାର

ନୟାହାଟ, ୧୯ ।୧ (ସମିସ): ନୟାହାଟରେ ନକଲି କବିରାଜ ଓ ଡାକ୍ତରଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଆର୍ଥିକ ସମ୍ବଳ ନ ଥିବା ଗରିବ ଶ୍ରେଣୀର ଲୋକମାନେ ରୋଗରେ ଘାଣ୍ଟି ହେଉଥିବା ବେଳେ ଅଳ୍ପ ଖର୍ଚ୍ଚରେ ଭଲ ହେବା ପାଇଁ ନୟାହାଟରେ ଥିବା ନକଲି କବିରାଜ ଡାକ୍ତରଙ୍କ ଦ୍ୱାରସ୍ତ ହୋଇଥାନ୍ତି। ସେମାନେ ପ୍ରଥମ ରୋଗକୁ ଭଲ କରିଦେବା ପାଇଁ କହି ପରେ ଶୋଷଣ କରିଥାନ୍ତି। ନକଲି କବିରାଜ ରୋଗ ବିଷୟରେ ଜାଣି ନ ଥିବା ବେଳେ ପ୍ରଥମେ ଚିକିତ୍ସା କରି ରୋଗକୁ ବଢ଼ାଇ ଦେବା ପରେ ରୋଗୀ ଯନ୍ତ୍ରଣା ସହିନପାରି ଶେଷରେ ସରକାର ସ୍ୱାସ୍ଥ୍ୟ କେନ୍ଦ୍ରରେ ଦ୍ୱାରସ୍ତ ହୋଇଥାଏ। ଯାହା ଫଳରେ ରୋଗୀ ମୃତ୍ୟୁ ମୁଖରେ ପଡ଼ିଥାଏ। ପ୍ରକାଶ ଥାଉ କି ନୟାହାଟ ଲକ୍ଷ୍ମୀବଜାର ନିକଟରେ ଜଣେ ବ୍ୟକ୍ତି ନକଲି ଜଡିବୁଟି ଦୋକାନ ଖୋଲି ଲୋକଙ୍କୁ ଚିକିତ୍ସା ଆଳରେ ଶୋଷଣ କରୁଛନ୍ତି। ନକଲି କବିରାଜ ସାର୍ଟିଫିକେଟ ଯୋଗାଡ଼ କରି ଉକ୍ତ ବ୍ୟକ୍ତି ନିରୀହ ଲୋକଙ୍କ ତଣ୍ଟି ଚିପୁଥିବା ଅଭିଯୋଗ ହେଉଛି। ଏହି ବ୍ୟକ୍ତି ନାମରେ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପରେ ପ୍ରଶାସନର ନିଦ ଭାଙ୍ଗୁନି। ସରକାରଙ୍କୁ ଉକ୍ତ ନକଲି କବିରାଜ ଜିଏସ୍‌ଟି ଫାଙ୍କୁଥିବା ସାଧାରଣରେ ଅଭିଯୋଗ ହେଉଛି। ପୁରୀ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନକଲି କବିରାଜ ଦୋକାନ ଉପରେ ଚଢ଼ଉ କରାଯାଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପନ ସମାରୋହ

କଣାସ, ୧୯ ।୧(ସମିସ): କଣାସ ବ୍ଲକର କଣାସ ସ୍ନାତକ ମହାବିଦ୍ୟାଳୟରେ ନଭେମ୍ବର ୨୨ତାରିଖ ଠାରୁ ଆରମ୍ଭ ହୋଇଥିବା 'ନୂଆ ଓଡ଼ିଶା ନବିନ ଓଡ଼ିଶା' କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସୈନ୍ୟାସୀ ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ କଣାସ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତରେ ଶୃଙ୍ଖଳାର ଆବଶ୍ୟକତା ରଖିବାକୁ ସୂଚନା ଦେଇଥିଲେ। ଅନ୍ୟ ଅତିଥିଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସୁବର୍ଣ୍ଣକେଶରୀ ବଳିୟାରସିଂହ, ମହାବିଦ୍ୟାଳୟର ପରିଚାଳନା ପରିଷଦର ଅଧ୍ୟକ୍ଷ ପ୍ରମୋଦ କୁମାର ହରିଚନ୍ଦନ, କଣାସ ବ୍ଲକ ଅତିରିକ୍ତ ବିଡିଓ ମଙ୍ଗଳ ସିଂ ହେମ୍ବ୍ରମ୍, ମହିଳା ତଥା ଶିଶୁ ବିକାଶ ବିଭାଗ ପ୍ରର୍ଯ୍ୟବେକ୍ଷିକା ସୁଶ୍ରୀ ସ୍ୱର୍ଣ୍ଣମୟୀ ବେହେରା, କଣାସ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟ ଅଧ୍ୟକ୍ଷ ବନବିହାରୀ ସାହୁ, ପୂର୍ବତନ ଅଧ୍ୟକ୍ଷ ଡମ୍ବରୁଧର ଛୁଆଳସିଂହ ଅତିଥିଭାବେ ଯୋଗଦେଇ ନିଜନିଜର ଆତ୍ମିକ ଭାବର ପରିପ୍ରକାଶ କରି ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ମାର୍ଗଦର୍ଶନ ସମ୍ପର୍କରେ ସୂଚନା ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ବିଭୋର କରିଥିଲା। ଛାତ୍ରୀ ଶୁଭଶ୍ରୀ ପଟ୍ଟନାୟକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# 'ସର୍ବଧର୍ମ ସମନ୍ୱୟର ପ୍ରତୀକ ଶ୍ରୀଜଗନ୍ନାଥ'



ଚାରିଛକ, ୧୯।୧ (ସମିସ): ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ କଲ୍ୟାଣ ବିଭାଗ ପ୍ରାୟୋଜିତ 'ନୂଆ-ଓ' ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ 'ସର୍ବଧର୍ମ ସମନ୍ୱୟର ପ୍ରତୀକ-ଶ୍ରୀଜଗନ୍ନାଥ' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ସ୍ୱର୍ଣ୍ଣରଶ୍ମୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବେ ପରିଚାଳନା କମିଟି ସଭାପତି ପ୍ରଫେସର ଡଃ ସନ୍ତୋଷ କୁମାର ମିତ୍ର ଯୋଗଦେଇ ସରକାରଙ୍କୁ ଏହି କାର୍ଯ୍ୟ ପାଇଁ ସାଧୁବାଦ ଜଣାଇଥିଲେ। ଏହା ଦ୍ୱାରା ଓଡିଆ ଭାଷା ସାହିତ୍ୟ ସମୃଦ୍ଧ ହେବା ସହ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଗୋପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡଃ ପ୍ରମୋଦ କୁମାର ପଣ୍ଡା ଯୋଗଦେଇ ଜଗନ୍ନାଥଙ୍କ ତତ୍ତ୍ୱ ବ୍ୟାପକ ଓ ଜଗନ୍ନାଥ ସଂସ୍କୃତିହିଁ ଉତ୍କଳର ସଂସ୍କୃତି ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନିଆଳି ମହାବିଦ୍ୟାଳୟର ସଂସ୍କୃତ ବିଭାଗର ବରିଷ୍ଠ ଅଧ୍ୟାପକ ପ୍ରଫେସର ପ୍ରଦୀପ୍ତ କୁମାର ମିଶ୍ର ଯୋଗଦେଇ ଜଗନ୍ନାଥ ହିଁ କୋଟି ହୃଦୟର ପ୍ରାଣ, ସେ ନିରାକାର, ପରଂବ୍ରହ୍ମ ଏବଂ ତାଙ୍କର ସ୍ୱରୁପ ଅବର୍ଣ୍ଣନିୟ ବୋଲି କହିଥିଲେ। ମହାବିଦ୍ୟାଳୟର ସଂସ୍କୃତ ବିଭାଗର ଅଧ୍ୟାପକ ଜୀବନ ଦାଶ ତାଙ୍କ ସନ୍ଦର୍ଭରେ ନୀଳାଚଳ ଧାମରେ ବିରାଜିତ ଦାରୁ ବ୍ରହ୍ମ ହିଁ ସର୍ବଧର୍ମ ସମନ୍ୱୟର ପ୍ରତୀକ ବୋଲି ଉପସ୍ଥାପନ କରିଥିଲେ। +୩ ନୋଡାଲ ଅଧିକାରୀ ଡଃ ଶର୍ମିଷ୍ଠାରାଣୀ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରସାଶନିକ ଅଧିକାରୀ ପ୍ରଫେସର ପୁଷ୍ପମିତ୍ରା ପଟ୍ଟନାୟକ, ଇତିହାସ ବିଭାଗର ମୁଖ୍ୟ ପ୍ରଫେସର ବିନୋଦିନୀ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଯୁକ୍ତ୨ ନୋଡାଲ ଅଧିକାରୀ ଡଃ ପୂର୍ଣ୍ଣିମା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରୀମାନେ ଯୋଗ ଦେଇଥିଲେ।

# ଅନ୍ତର୍ଜାତୀୟ ମାଣ୍ଡିଆ ମିଶନ ଅଭିଯାନ



କୃଷ୍ଣପ୍ରସାଦ, ୧୯ ।୧(ସମିସ): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ମାଲୁଦ ପଞ୍ଚାୟତ ବଳରାମପୁର ଠାରେ ଅନ୍ତର୍ଜାତୀୟ ମାଣ୍ଡିଆ ମିଶନ ଉତ୍ସବ ପାଳନ ଅବସରରେ ବ୍ଲକସ୍ତରୀୟ ସ୍ୱତନ୍ତ୍ର ମଣ୍ଡିଆ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ସୌମ୍ୟ ରଞ୍ଜନ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ଗ୍ରାମସେବକ ସନ୍ତୋଷ ଶବର, ସହାୟକ ସଂସ୍ଥା ସଦସ୍ୟ ତାରିଣୀ ନାୟକ, ଭିକାରୀ ଚରଣ ଦାସ ପ୍ରମୁଖ ଯୋଗ ଦେଇ ମାଣ୍ଡିଆ ଚାଷର ଅଧିକ ଅମଳ କିଭଳି କରାଯାଇପାରିବ ସେ ଦିଗରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଏଥିରେ ବଳରାମପୁରର ଶତାଧିକ ମହିଳା ଓ ପୁରୁଷ ଚାଷୀ ଯୋଗଦେଇ ବିଭିନ୍ନ ଆବଶ୍ୟକତା ଦିଗରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଚଳିତ ବର୍ଷ ମାଲୁଦ ପଞ୍ଚାୟତରେ ମାଣ୍ଡିଆ ଭଲ ଅମଳ କରିଥିବା ଚାଷୀ ହରିଶ୍ଚନ୍ଦ୍ର ସାହୁଙ୍କୁ କୃଷି ଅଧିକାରୀ ପୁରସ୍କୃତ କରିବା ସହିତ ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ସହାୟତା ସମ୍ପର୍କରେ ସମସ୍ତ ଚାଷୀଙ୍କୁ ଅବଗତ କରାଇଥିଲେ।

# ସତ୍ୟବାଦୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ସାକ୍ଷୀଗୋପାଳ ୧୯।୧(ସମିସ): ସତ୍ୟବାଦୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସତ୍ୟବାଦୀର ବାର୍ଷିକ ଉତ୍ସବ ସହିତ ଭାଷା ସାହିତ୍ୟ ଓ ସୃଜନଶୀଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ଅତିଥି ମାନେ ପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଗଗନି ଦେଇ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ପେଣ୍ଠପଡ଼ା ପଞ୍ଚାୟତର ସରପଞ୍ଚ ଚିନ୍ମୟ ରାଉତ, ବ୍ଲକର ଉପଶିକ୍ଷା ସହକାରୀ ଶିକ୍ଷା ଅଧିକାରିଣୀ କୁମୁଦନୀ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭଗବାନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ପ୍ରଥମେ ନିଜର ମାତୃଭାଷା ଓଡିଆକୁ ନିଜର ପିତାମାତା ପରି ଆଦର କରିବା ଦରକାର ବୋଲି ମତ ପ୍ରକାଶ କରିଥିଲେ। ରାଜ୍ୟ ସରକାର ଆମ ଅଞ୍ଚଳରେ ଓଡିଆ ଭାଷାର ବିକାଶ ଓ ପ୍ରଚାର କରିବା ପାଇଁ ଓଡିଆ ଭାଷା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରି ଏକ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି ବୋଲି ସରପଞ୍ଚ ଶ୍ରୀ ରାଉତ କହିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଶିକ୍ଷୟତ୍ରୀ ତଥା କବୟତ୍ରୀ, ସଂଗଠକ ବିଶାଖା ଦେବୀଙ୍କୁ ମଧ ଅତିଥିମାନେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଶିକ୍ଷୟତ୍ରୀ ସଙ୍ଗୀତା ବିଭୁତି ରାଏ। ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ ଶିକ୍ଷୟତ୍ରୀ ବିଶାଖା ଦେବୀ। ଶିକ୍ଷୟତ୍ରୀ ସସ୍ମିତା ସେଠୀ, ମିନତି ମାଝି, ସୀତା ମହାରଥୀ, ସୁମିତ୍ରମୟୀ ମହାପାତ୍ର, ଗୀତାରାଣି ଦାଶ ସରୋଜିନି ସାହୁଙ୍କ ସମେତ ଶିକ୍ଷୟିତୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ଚିରସ୍ମିତା ସେଠୀ ଧନ୍ୟବାଦ ଦେଇଥିଲେ।

**■ ମା'ସମଲେଶ୍ୱରୀ ମନ୍ଦିର ପ୍ରକଳ୍ପ ଲୋକାର୍ପଣ ଉତ୍ସବ**

# ମା'ମଙ୍ଗଳାଙ୍କ ନିକଟରେ ପହଞ୍ଚିଲା ନିମନ୍ତ୍ରଣ



କାକଟପୁର, ୧୯ ।୧(ସମିସ): ଆସନ୍ତା ୨୭ ତାରିଖରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା'ସମଲେଶ୍ୱରୀଙ୍କ ପ୍ରକଳ୍ପର ଲୋକାର୍ପଣ ପାଇଁ ଶୁକ୍ରବାର ପୁରୀ ଜିଲ୍ଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ନିକଟରେ ପହଁଞ୍ଚିଛି ନିମନ୍ତ୍ରଣ ପତ୍ର। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ, କାକଟପୁର ଥାନା ଏସଆଇ ପ୍ରିୟା ପ୍ରଧାନ, ଏଏସ ଆଇ ପ୍ରମୋଦ କୁମାର ସେଠୀ, ମା'ମଙ୍ଗଳା ସେବାୟତ ନିଯୋଗର ଉପସଭାପତି କମଳ ଲୋଚନ ଦୀକ୍ଷିତ, ସେବାୟତ ନିଯୋଗ ପରାମର୍ଶଦାତା କମିଟି ପ୍ରଥମେ ସମଲେଶ୍ୱରୀ ଟ୍ରଷ୍ଟ ସଦସ୍ୟ ସନ୍ତୋଷ କୁମାର ପୃସେଟ, ସମଲେଶ୍ୱରୀଙ୍କ ବରିଷ୍ଠ ସେବାୟତ ସଂକୀର୍ତ୍ତନ ରାୟ, ସମଲେଶ୍ୱରୀଙ୍କ ପ୍ରଶାସନିକ ଅଧିକାରୀ ଫକୀର ମୋହନ ମାଝୀ ଏବଂ ପୁରୀ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ପ୍ରତିନିଧିମାନେ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ନିକଟରେ ପହଞ୍ଚିବା ପରେ ମଙ୍ଗଳା ମନ୍ଦିର ଟ୍ରଷ୍ଟର ସଭାପତି ତଥା ସ୍ଥାନୀୟ ତହସିଲଦାର ଅଙ୍କିତା ଅନନ୍ଦିତା, ସଦସ୍ୟ ତୁଷାର ରଞ୍ଜନ ଦୀକ୍ଷିତ, ପୂଜାପଣ୍ଡା ସେବାୟତ ତପନ କୁମାର ଦୀକ୍ଷିତ, ଶରତ କୁମାର ଦୀକ୍ଷିତ, ସେବାୟତ ନଳିନୀକାନ୍ତ ଦୀକ୍ଷିତ, ମାନସ ଦୀକ୍ଷିତ, ତାପସ କୁମାର ଦୀକ୍ଷିତ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ମନ୍ଦିର ଭିତରକୁ ପାଛୋଟି ନେଇଥିଲେ। ମଙ୍ଗଳା ମନ୍ଦିର ଟ୍ରଷ୍ଟ ଏବଂ ସେବାୟତ ନିଯୋଗ ପକ୍ଷରୁ ୩ ଜଣଙ୍କୁ ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ ପହଞ୍ଚିବାକୁ ନିମନ୍ତ୍ରଣ କରାଯାଇଛି।

# 'ନୂଆ-ଓ' ଓଡିଆ ସାହିତ୍ୟ ପ୍ରତିଯୋଗିତା

ଡେଲାଙ୍ଗ, ୧୯ ।୧(ସମିସ): ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକର କଲ୍ୟାଣପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ 'ନୂଆ-ଓ' ଯୋଜନା ଅର୍ନ୍ତଭୁକ୍ତ ଓଡିଆ ସାହିତ୍ୟ ପ୍ରତିଯୋଗିତା ଓ ଜଗନ୍ନାଥ ସଂସ୍କୃତି କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇଯାଇଛି। ମହା ବିଦ୍ୟାଳୟର ଅଧ୍ୟକ୍ଷା ଡ.ତୃପ୍ତିମୟୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ କଲ୍ୟାଣପୁର ସ୍ନାତକ ମହାବିଦ୍ୟାଳୟର ଓଡିଆ ବିଭାଗ ଅଧ୍ୟାପକ ସର୍ବେଶ୍ୱର ତ୍ରୀପାଠି, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ଜିଲ୍ଲା ପରିଷଦ ପ୍ରସନ୍ନ ସାହୁ, ସ୍ଥାନୀୟ ସରପଞ୍ଚ ଗୋବର୍ଦ୍ଧନ ସେଠୀ, ସମିତିସଭ୍ୟ ଶୁସାନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ କୈଳାସ ଚନ୍ଦ୍ର ଦାସ, ନିରଦ ସାମନ୍ତାରାୟ, ଲୋକନାଥ ମିଶ୍ର, ଦିଲ୍ଲୀପ ରଥ, ସୁବ୍ରତ ଭଟ୍ଟ, ପ୍ରଣୟ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ରୂପାନ୍ତରୀକରଣ କାର୍ଯ୍ୟ ଲାଗି ବିଧାୟକ ରୁଦ୍ର ପ୍ରତାପ ମହାରଥି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

# ଧନୁଆଁ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ବଳଙ୍ଗା/ନିମାପଡ଼ା, ୧୯ ।୧(ସମିସ): ନିମାପଡ଼ା ବ୍ଲକ ଅନ୍ତର୍ଗତ କୋଠକୁସାଙ୍ଗ ପଞ୍ଚାୟତ ଧନୁଆଁ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଅଛି। ପ୍ରଧାନ ଶିକ୍ଷକ ପ୍ରଦିପ କୁମାର ରଥଙ୍କ ସଭାପତିତ୍ୱରେ ପ୍ରଥମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦାନ କରି ଥିଲେ। ବାର୍ଷିକ ବିବରଣୀ ପାଠ କରିଥିଲେ ଶିକ୍ଷକ ଜଗବନ୍ଧୁ ନାୟକ। ଅନ୍ୟ ମାନଙ୍କ ମଧ୍ୟରେ କୋଠକୁସାଙ୍ଗ ପଞ୍ଚାୟତ ସରପଞ୍ଚ ଜୟନ୍ତୀ ବିଶ୍ୱାଳ, ସମିତି ସଭ୍ୟା ପ୍ରାର୍ଥନା ନାୟକ, ଜିଲ୍ଲା ସହ ଶିକ୍ଷା ଅଧିକାରୀଣୀ ମମତା ମିଶ୍ର, ବ୍ଲକ ସହ ଶିକ୍ଷା ଅଧିକାରୀଣୀ ସୌଦାମିନୀ ଦାଶ, ସମାଜସେବୀ ଶ୍ରୀକାନ୍ତ ପଟନାୟକ, ସମାଜ ସେବୀ ପ୍ରଦ୍ୟୁମ୍ନ ରଥ, ମଙ୍ଗରାଜ ଦାଶ, ପ୍ରଭୃତି ଅତିଥି ଭାବରେ ଯୋଗଦାନ କରିଥିଲେ। ବିଭିନ୍ନ ପ୍ରକାରର ଖେଳରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା ଏବଂ 'ମୋ କଥା ମୋ କାହାଣୀ 'ପୁସ୍ତକ ବିଧାୟକଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଶିକ୍ଷକ ଗଣେଷ ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିଲେ।

**ମିଶନ ଶକ୍ତି ପାଇଁ ପଦବୀ ପୂରଣରେ ବିଳମ୍ବ**

# ବିଡିଓଙ୍କୁ ୪ଘଣ୍ଟା ଘେରିଲେ ମହିଳା



କାକଟପୁର, ୧୯ ।୧(ସମିସ):

କାକଟପୁର ବ୍ଲକରେ ସିଆରପି, ଏମବିକେ ଓ ବ୍ୟାଙ୍କମିତ୍ର ଆଦି ପଦବୀ ପାଇଁ ଆଶାୟୀଙ୍କ ଆବେଦନର ଫଳାଫଳ ବାହାରିବାରେ ବିଳମ୍ବକୁ ନେଇ ମହିଳାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଫଳ ସ୍ୱରୂପ ଗୁରୁବାର ମହିଳାମାନେ ବ୍ଲକ ପରିସରରେ ବିଡ଼ିଓଙ୍କୁ ୪ଘଣ୍ଟା ଧରି ଘେରି ରହିଥିଲେ। ପଦବୀ ପୂରଣ ପ୍ରକ୍ରିୟାକୁ ତ୍ୱରିତ କରାନଗଲେ ଆନ୍ଦୋଳନର ଚେତାବନୀ ମଧ୍ୟ ଦେଇଛନ୍ତି। କାକଟପୁର ବ୍ଲକରେ ସିଆରପି, ଏମବିକେ ଓ ବ୍ୟାଙ୍କମିତ୍ର ପଦବୀରେ ନିଯୁକ୍ତି ପାଇଁ ଆବେଦନ କରିଥିବା ମହିଳାମାନେ ବ୍ଲକ ମହିଳା ମହାସଂଘର ସଭାନେତ୍ରୀ, ସମ୍ପାଦିକା, ବିପିଏମ ଓ ବିପିସିଙ୍କୁ ଦାୟୀ କରିଛନ୍ତି। ସେମାନେ ଆହୁରି ମଧ୍ୟ କହିଛନ୍ତି ଉପର ଲିଖିତ ବ୍ୟକ୍ତିବିଶେଷ ପରସ୍ପର ଉପରେ ଦୋଷାରୋପ କରି ଫଳାଫଳ ପ୍ରକାଶ ପାଇବାରେ ବ୍ୟାଘାତ ସୃଷ୍ଟି କରୁଛନ୍ତି। ତୁରନ୍ତ ୱେଟେଜ ତାଲିକା ପ୍ରକାଶ କରିବା ଦାବିରେ ବିଡ଼ିଓଙ୍କୁ ୪ ଘଣ୍ଟା ଧରି ଘେରିଥିଲେ। ବିଡ଼ିଓ ତୁଷାର ଜ୍ୟୋତିରଞ୍ଜନ ସମସ୍ୟାର ସମାଧାନ ପାଇଁ ଉଭୟ ଆନ୍ଦୋଳନରତ ମହିଳା, ମହିଳା ମହାସଂଘର ସଭାନେତ୍ରୀ ଚାରୁଲତା ଖୁଣ୍ଟିଆ, ସମ୍ପାଦିକା ଲିଲିପ୍ରିୟା ସାହୁ, ବିପିସି ନୟନ କୁମାର ଜେନାଙ୍କୁ ଡକାଇ ଆଲୋଚନା କରିଥିଲେ। ବ୍ଲକ ସ୍ତରୀୟ ମହିଳା ମହାସଂଘ କାର୍ଯ୍ୟକାରୀ କମିଟି ବୈଠକରେ ଏସମ୍ପର୍କରେ ଆଲୋଚନା କରି ନିଷ୍ପତ୍ତି ନେବାକୁ ବିଡ଼ିଓ ସେମାନଙ୍କୁ ପରାମର୍ଶ ଦେଇଥିଲେ। ତେବେ ଅଭିଯୋଗର ସମାଧାନ ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ମହିଳାମାନେ ବ୍ଲକ ଅଫିସ ସମ୍ମୁଖରେ ଧାରଣା ଦେବେ ବୋଲି ବିଡିଓଙ୍କ ସମେତ ଜିଲ୍ଲାପାଳ, ପୁରୀ, ରାଜ୍ୟ ମିଶନ ଶକ୍ତି କମିଶନର ଓ କାକଟପୁର ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସୂଚନା୨୦୨୩ ଜାନୁଆରୀ ୧୭ ତାରିଖ ଦିନ କାକଟପୁର ବ୍ଲକ ସ୍ତରୀୟ ମହାସଂଘ ପକ୍ଷରୁ ବ୍ଲକର ୧୨ଟି ପଞ୍ଚାୟତ ନିମନ୍ତେ ୧୬୪ଟି ସିଆରପି, ୧୨ଟି ଏମବିକେ ଓ ୧୦ଟି ବ୍ୟାଙ୍କମିତ୍ର ପଦବୀ ପାଇଁ ବିଜ୍ଞପ୍ତି ବାହାରିଥିଲା। ଏଥି ନିମନ୍ତେ ଶତାଧିକ ଆଶାୟୀ ପ୍ରାର୍ଥୀ ଆବେଦନ କରିଥିଲେ। ମାତ୍ର ପଦବୀ ଚୟନରେ ବ୍ଲକସ୍ତରୀୟ ମହାସଂଘର ସଭାନେତ୍ରୀ ଓ ସମ୍ପାଦିକା ଅନିୟମିତତା କରିବା ଅଭିଯୋଗ ହେବାରୁ ବିଡ଼ିଓ ବିଏଲଏଫ ପକ୍ଷରୁ ପ୍ରକାଶିତ ତାଲିକାକୁ ବାତିଲ କରି ଦେଇଥିଲେ। ଏ ସମ୍ପର୍କରେ ବ୍ଲକ ଅନ୍ତର୍ଗତ ବାଙ୍ଗୁରିଗାଁ ପଞ୍ଚାୟତର ଲତାଞ୍ଜଳୀ ତରାଇ ଓ ଅନ୍ୟମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ମିଶନ ଶକ୍ତି ବିଭାଗର କମିଶନର ପୁନର୍ବାର ଆବେଦନ ଫର୍ମ ଗୁଡିକୁ ତନଖି କରି ଯୋଗ୍ୟ ପ୍ରାର୍ଥୀଙ୍କୁ ଯୋଗ୍ୟ ପ୍ରାର୍ଥୀନୀଙ୍କୁ ଚୟନ କରିବାକୁ ଗତ ଅଗଷ୍ଟ ମାସରେ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯୋଗ୍ୟ ପ୍ରାର୍ଥୀନୀ ଚୟନ ପାଇଁ ଏକ କମିଟି ଗଠନ କରି ଆବେଦନ ପତ୍ର ତନଖି ସାରିଥିଲେ ବି ୫ ମାସ ହେଲାଣି ୱେଟେଜ ତାଲିକା ପ୍ରକାଶ ପାଇନାହିଁ।

# ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା



କାକଟପୁର / ଗମ୍ଭାରୀପଦା, ୧୯ ।୧ (ସମିସ): ଓଡ଼ିଆ ଭାଷାକୁ ସମୃଦ୍ଧି କରିବା ସହିତ ଭାଷାର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମକ୍ରମେ ରାଜ୍ୟର ବିଭିନ୍ନ ବିଦ୍ୟାଳୟଗୁଡିକରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାହିତ୍ୟ ପ୍ରବନ୍ଧ, କ୍ଷୁଦ୍ର ଗଳ୍ପ, ଓ କବିତା ଉପରେ ପ୍ରତିଯୋଗିତାମାନ ଅନୁଷ୍ଠିତ କରାଯାଉଛି। ସେହି କ୍ରମରେ କାକଟପୁର ବ୍ଲକ ଅନ୍ତର୍ଗତ ପ୍ରାଚୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଦିଲ୍ଲୀପ କୁମାର ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜୟ କୁମାର ମୁଦୁଲି, ରାଜକିଶୋର ମଲ୍ଲ, ଉମାଶଙ୍କର ନାୟକଙ୍କ ସମେତ ବିଦ୍ୟାଳୟର ଅଧ୍ୟାପକ ମାନେ ଯୋଗଦେଇ ଆମର ମାତୃଭାଷାର ଲିଖନ, ଉଚ୍ଚାରଣ ଓ ଶ୍ରବଣରେ ସ୍ୱଚ୍ଛତା ଆଣି ସର୍ବଜନ ଆଦୃତ କରାଇବାରେ ଛାତ୍ରଛାତ୍ରୀ ଚେଷ୍ଟିତ ହେବାପାଇଁ ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ସେହିପରି କାକଟପୁର ସରକାରୀ ବାଳିକା ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଦିବ୍ୟଦର୍ଶିନୀ ମହାପାତ୍ରଙ୍କ ସଭାପତିତ୍ୱରେ ବିଦ୍ୟାଳୟସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା ଆଲୋଚନାରେ ମୁଖ୍ୟଅତିଥି ସହକାରୀ ଜିଲ୍ଲା ଶିକ୍ଷାଧିକାରୀ ମମତା ମିଶ୍ର, ବ୍ଲକ ଶିକ୍ଷାଧିକାରୀ ଦିଲିପ ଜେନା, ବିଆରସିସି ପଙ୍କଜିନୀ ଦେଇ, ଆଲୁମିନି ଦୀପ୍ତି କୁମାରୀ ମହାନ୍ତି ପ୍ରମୁଖ ଯୋଗ ଦେଇ ଛାତ୍ରୀମାନଙ୍କୁ ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧି ଉପରେ ମତ ରଖିଥିଲେ।ବରିଷ୍ଠ ଶିକ୍ଷକ ବିଶ୍ୱଜିତ୍ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ।

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



⁄ କାଳନ୍ଦୀ ଚରଣ ବରିଶଲ
ପୂର୍ବତନ ସରପଞ୍ଚ, ସମାଜସେବୀ
ଭଗବାନପୁର, ପାତ୍ରପଡା, ଭୁବନେଶ୍ୱର
ଧରାବତରଣ: ୨୮.୧୨.୧୯୩୬
ସର୍ଗାରୋହଣ: ୧୬.୦୧.୨୦୧୯
ଆପଣଙ୍କ ମହାନ୍ ଅମର ଆତ୍ମାର ସଦ୍‌ଗତି,
ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ,
ଏହା ହିଁ ପରମବ୍ରହ୍ମ
ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ
ପାଦ ପଦ୍ମରେ ବିନମ୍ର ନିବେଦନ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ
ହତଭାଗିନୀ ପତ୍ନୀ- ବିଷ୍ଣୁପ୍ରିୟା, ବନ୍ଧୁ,
ଆତ୍ମୀୟସ୍ୱଜନ ଓ ଶୋକସନ୍ତପ୍ତ ବରିଶଲ ପରିବାରବର୍ଗ

୧୯/୧/୨୦୨୪ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୬୮,୨୪୮/- ସୁନା: ୦୨.୨୦୦ ଗ୍ରାମ୍ ରୁପା: ୧୦୫.୪୦୦ ଗ୍ରାମ୍





# ଯାତ୍ରୀଙ୍କ ପାଇଁ ପ୍ରସ୍ତୁତ ହେଉଛି ସମଙ୍ଗ ପାର୍କିଂ









ପୁରୀ, ୧୯।୧(ସମିସ)

ପୁରୀକୁ ପୂର୍ବାପେକ୍ଷା ଯାତ୍ରୀ, ପର୍ଯ୍ୟଟକ ଓ ଭକ୍ତଙ୍କ ଆଗମନ ବଢ଼ିଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଟ୍ରେନ୍ ଏବଂ ବସ୍‌ରେ ଆସୁଥିବା ବେଳେ ନିଜସ୍ୱ ଗାଡିରେ ବି ବହୁ ସଂଖ୍ୟାରେ ଭକ୍ତ, ପର୍ଯ୍ୟଟକ ଆସୁଛନ୍ତି। ଛୁଟିଦିନ ଏବଂ ପର୍ବପର୍ବାଣୀରେ ପୁରୀ ସହରର ପ୍ରମୁଖ ଏବଂ ଗଳିକନ୍ଦି ରାସ୍ତାରେ ବି ଯିବାଆସିବା କଷ୍ଟକର ହୋଇପଡୁଛି। ଟ୍ରାଫିକ ସମସ୍ୟାକୁ ନେଇ ପୁଲିସ ବି ନାକେଦମ୍ ହୋଇଯାଉଛି। ସହର ଭିତରେ ବସ୍‌ଷ୍ଟାଣ୍ଡ ଓ ଜଗନ୍ନାଥବଲ୍ଲଭ ପାର୍କିଂ ଥିବାରୁ ଦୈନିକ ଶହ ଶହ ସଂଖ୍ୟାରେ କାର୍ ଓ ବସ୍ ସହର ଭିତରକୁ ପ୍ରବେଶ କରୁଛନ୍ତି। ଫଳରେ ପ୍ରବେଶ ପଥ ରାସ୍ତାଠୁ ଆରମ୍ଭ କରି ସହର ଭିତର ରାସ୍ତାରେ ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଏହାର ସ୍ଥାୟୀ ସମାଧାନ ପାଇଁ ଚାଲିଥିବା ସମଙ୍ଗ ପାର୍କିଂ କାମ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

୬୭ କୋଟି ଟଙ୍କା ବ୍ୟୟରେ ୪୩ ଏକର ଜମିରେ ଏହି ମେଗା ପାର୍କିଂ କରାଯାଉଛି। ଏହି ପାର୍କିଂସ୍ଥଳ ଶ୍ରୀସେତୁ ସହିତ ସଂଯୋଗ ରହିବ। ଫଳରେ ଭକ୍ତ, ପର୍ଯ୍ୟଟକଙ୍କ ପୁରୀ ସହରକୁ ଆସିବା ସହଜ ହୋଇଯିବ। ତେବେ ଏହି ପାର୍କିଂ କାମ ସମ୍ପୂର୍ଣ୍ଣ ହେଲେ ପୁରୀ ସହରର ଟ୍ରାଫିକ ସମସ୍ୟା ଦୂର ହୋଇପାରିବ। ସହର ଭିତରକୁ ଆଉ କୌଣସି ବଡ଼ ଗାଡି ପ୍ରବେଶ କରିବେ ନାହିଁ। ସୂଚନା ମୁତାବକ, ଏହି ମେଗା ପାର୍କିଂରେ ଏକକାଳୀନ ୪୨୦ ବସ୍, ୫୪୯ ଚାରିଚକିଆ, ୨୫୮ ଅଟୋ ଏବଂ ୧, ୦୫୪ଟି ଦୁଇଚକିଆ ପାର୍କିଂ କରିପାରିବେ। ଏଠାରୁ ଯାତ୍ରୀଙ୍କୁ ଶ୍ରୀମନ୍ଦିରରେ ପହଞ୍ଚାଇବା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାଟେରି ଚାଳିକ ଗାଡ଼ି ବ୍ୟବସ୍ଥା ମଧ୍ୟ ହେଉଛି। ୨୨ ତାରିଖରୁ ଯାତ୍ରୀଙ୍କୁ ଏହି ସୁବିଧା ମିଳିବ।

## ସମଲେଇ ପ୍ରକଳ୍ପ ପାଇଁ ମା' ବିମଳାଙ୍କୁ ନିମନ୍ତ୍ରଣ





ପୁରୀ, ୧୯।୧(ସମିସ)

ପଶ୍ଚିମ ଓଡ଼ିଶାର ଆରାଧ୍ୟା ଦେବୀ ମା' ସମଲେଶ୍ୱରୀଙ୍କ ସମଲେଇ ପ୍ରକଳ୍ପର ଲୋକାର୍ପଣ ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ବିଭିନ୍ନ ଦେବାଦେବୀ ପୀଠ ରେ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଉଛି। ଶୁକ୍ରବାର ସମଲେଶ୍ୱରୀ ମନ୍ଦିର ପୂଜକ ସଂକୀର୍ତ୍ତନ ରାୟ, ଟ୍ରଷ୍ଟ ବୋର୍ଡ ସଦସ୍ୟ ସନ୍ତୋଷ ପୁରସେଠ ଓ ସମ୍ବଲପୁର ଜିଲ୍ଲା ସଂସ୍କୃତି ଅଧିକାରୀ ଫକୀର ମୋହନ ମାଝୀ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ସଂକୀର୍ତ୍ତନ ଦଳର ପ୍ରଦର୍ଶନ ମାଧ୍ୟମରେ ସେମାନଙ୍କୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଓ ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ବସନ୍ତ କୁମାର ପ୍ରଧାନ ସ୍ୱାଗତ କରିଥିଲେ।ସମଲେଇ ପ୍ରକଳ୍ପ ନିମନ୍ତ୍ରଣ କାରୀ ସଦସ୍ୟ ମାନେ ମା' ବିମଳାଙ୍କ ବରିଷ୍ଠ ପୂଜକମାନଙ୍କ ଉପସ୍ଥିତିରେ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ପରେ କୋଣାର୍କ ରାମଚଣ୍ଡୀ ମନ୍ଦିରରେ ପହଞ୍ଚି ମନ୍ଦିର ସେବାୟତ ପ୍ରକାଶ ଚନ୍ଦ୍ର ପଣ୍ଡା, ଚିତ୍ତରଞ୍ଜନ ପଣ୍ଡା, ମଦନମୋହନ ମହାପାତ୍ର, ସଞ୍ଜୟ ପଣ୍ଡା, ଲିଙ୍ଗରାଜ ପଣ୍ଡା, ବୁଢ଼ା ମହାପାତ୍ର, ଉପେନ୍ଦ୍ର ମହାପାତ୍ର ପ୍ରମୁଖଙ୍କ ଉପସ୍ଥିତିରେ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ଶେଷରେ କାକଟପୁର ମା'ମଙ୍ଗଳାଙ୍କ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା ସହ ମନ୍ଦିର ସେବାୟତ ତୁଷାର ରଞ୍ଜନ ଦୀକ୍ଷିତ, ତାପସ କୁମାର ଦୀକ୍ଷିତ, ମାନସ କୁମାର ଦୀକ୍ଷିତ, ନଳିନୀ କାନ୍ତ ଦୀକ୍ଷିତ, ମନ୍ଦିର ନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ, ପୂଜାପଣ୍ଡା ତପନ କୁମାର ଦୀକ୍ଷିତଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରି ସମଲେଇ ପ୍ରକଳ୍ପ ଉତ୍ସବରେ ଯୋଗ ଦେବାକୁ ଅନୁରୋଧ କରିଥିଲେ। ଏଥିରେ ମନ୍ଦିର କର୍ମଚାରୀ, ପୁଲିସ ପ୍ରଶାସନର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍କୁଲରୁ ସୋଲାର ପ୍ଲେଟ୍ ଚୋରି; ୨ ଗିରଫ

ପୁରୀ, ୧୯।୧(ସମିସ)

ସ୍କୁଲ ପରିସରରୁ ସୋଲାର ପ୍ଲେଟ ଚୋରି କରିବା ଅଭିଯୋଗରେ ଅରଖକୁଦା ମେରାଇନ ଥାନା ପୁଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ନାବାଳକ ଥିବାବେଳେ ଅନ୍ୟ ଜଣେ ହେଉଛନ୍ତି ଗୋପୀନାଥପୁରର ସିଦ୍ଧାନ୍ତ ବେହେରା। ଏହି ଘଟଣାରେ ଅନ୍ୟଜଣେ ଅଭିଯୁକ୍ତ ଫେରାର୍ ଥିବାବେଳେ ପୁଲିସ ଚୋରି ସୋଲାର ପ୍ଲେଟ ଜବତ କରିଛି। ପୁଲିସ ସୂଚନା ଅନୁଯାୟୀ, ଗୋପୀନାଥପୁର ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ ପାଣିଟାଙ୍କି ଉପରେ ୩ଟି ସୋଲାର ପ୍ଲେଟ ବସିଥିଲା। ଗତ ୧୦ ତାରିଖରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚରଣ ବେହେରା ସ୍କୁଲକୁ ଆସିବା ପରେ ଏହା ଦେଖି ବିଦ୍ୟାଳୟ କମିଟି ଓ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ଏ ନେଇ ଏକ ବୈଠକ ମଧ୍ୟ ବସିଥିଲା। ଗତ ୧୭ ତାରିଖରେ ବେତଗୋରଡ଼ି ଗାଁର ସଭାପତି ବଳଭଦ୍ର ନାୟକ ବିଶେଷସୂତ୍ରରୁ ଖବର ପାଇଥିଲେ ଯେ, ଅଭିଯୁକ୍ତ ସିଦ୍ଧାନ୍ତ ଘରେ ଏହି ସୋଲାର ପ୍ଲେଟ ରହିଛି। ଏ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୁଲିସକୁ ମଧ୍ୟ ଅବଗତ କରାଇଥିଲେ। ଏହାପରେ ସମସ୍ତ କମିଟି ସଦସ୍ୟ ତାଙ୍କ ଘରେ ପହଞ୍ଚି ସିଦ୍ଧାନ୍ତଙ୍କୁ ଧରି ପଚାରିଥିଲେ। ସେ ବିଦ୍ୟାଳୟରୁ ଚୋରି କରିଥିବା ସ୍ୱୀକାର କରିବା ସହ ଏଥିରେ ଅନ୍ୟ ଦୁଇଜଣ ସାମିଲ ଥିଲେ କହିଥିଲା। ପୁଲିସ ସିଦ୍ଧାନ୍ତଙ୍କ ବୟାନ ଆଧାରରେ ନାବାଳକକୁ ଧରିଥିବା ବେଳେ ଅନ୍ୟଜଣେ ଅଭିଯୁକ୍ତ ବଳିଆ ବେହେରା ଫେରାର ଥିବା ପୁଲିସ କହିଛି। ତେବେ ସିଦ୍ଧାନ୍ତ ଘରୁ ୨ଟି ଯାକ ସୋଲାର ପ୍ଲେଟ ଜବତ କରାଯାଇଥିବା ବେଳେ ତାକୁ କୋର୍ଟଚାଲାଣ କରାଯାଇଛି।

## ବଡ଼ଦାଣ୍ଡରେ ଉଠାଦୋକାନ ବସାଇବାକୁ ଦାବି

**ପୁରୀ, ୧୯।୧(ସମିସ):** ମାର୍କେଟଛକ ଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ବିସ୍ଥାପିତ ଉଠାଦୋକାନୀଙ୍କୁ ପୁର୍ନବାର ବସାଇବା ପାଇଁ ଦାବି କରି ଶୁକ୍ରବାର ବଡ଼ଦାଣ୍ଡରେ ଧାରଣା ଦେଇଛି ଜିଲ୍ଲା ବିଜେପି। ଏଥିରେ ବିଧାୟକ ଜୟନ୍ତ ଷଡଙ୍ଗୀ, ବିସ୍ଥାପିତ ଉଠାଦୋକାନୀଙ୍କ ସହ ବିଜେପିର ରବି ନାରାୟଣ ଦାଶ, ସଞ୍ଜୀବ ମୁଖାର୍ଜୀ, ଉମାକାନ୍ତ ନାୟକ, ଜ୍ୟୋତି ମହାପାତ୍ର, ଜୟନ୍ତ ଦାଶ, ଅନିତା ପଟ୍ଟନାୟକ, ସୌମ୍ୟ ମିଶ୍ର, ବାଦଲ ବେହେରା, ସଂଗ୍ରାମ କାନୁନ୍‌ଗୋ, ବିଜୟ ପ୍ରଧାନ, ସୁଦର୍ଶନ ରାହୁଲ, ବିକ୍ରମ ବରାଳ, ବ୍ରଜବନ୍ଧୁ ଦାସ, ଶିବ ନାରାୟଣ ଦାଶ, ବିଶ୍ୱଜିତ୍ ମହାନ୍ତି, ହରି ମହାପାତ୍ର, ବିରଞ୍ଚି ପାଇକରାୟ, ପଦୀୟ ନାୟକ, ପ୍ରସନ୍ନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଦିଆସିଲି କାଠିରେ ରାମ ମନ୍ଦିର ମଡେଲ




**ପୁରୀ, ୧୯।୧(ସମିସ):** ଦିଆସିଲ କାଠିରେ ଅଯୋଧ୍ୟା ରାମ ମନ୍ଦିରର ଏକ ଅବିକଳ ମଡେଲ ତିଆରି କରିଛନ୍ତି ପୁରୀର ଯୁବଶିଳ୍ପୀ ଶାଶ୍ୱତ ରଞ୍ଜନ ସାହୁ। ଏଥିପାଇଁ ତାଙ୍କୁ ୬ ଦିନ ସମୟ ଲାଗିଛି। ମୋଟ ୯୩୬ ଦିଆସିଲି କାଠି ବ୍ୟବହାର କରାଯାଇ ୭ ସେମି ଓସାର ଏବଂ ୧୪ ସେମି ଲମ୍ବର ଏହି ପ୍ରତିକୃତି ତିଆରି ହୋଇଛି। ଆସନ୍ତା ୨୨ ତାରିଖରେ ରାମ ମନ୍ଦିର ପ୍ରତିଷ୍ଠା ଅବସରରେ ଶାଶ୍ୱତ ଏହା ମାଧ୍ୟମରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଥାଉ କି, ପୂର୍ବରୁ ସେ ଦିଆସିଲି କାଠିରେ ଅନେକ ଆକର୍ଷଣୀୟ କଳାକୃତି ତିଆରି କରି ବେଶ୍ ପ୍ରଶଂସିତ ହୋଇଛନ୍ତି।

## ଭାଷା, ସାହିତ୍ୟ ଓ ସୃଜନଶୀଳ କାର୍ଯ୍ୟକ୍ରମ



**ପୁରୀ, ୧୯।୧(ସମିସ):** ପ୍ରତି ପିଲା ମଧ୍ୟରେ ଈଶ୍ୱର ବିବିଧ ପ୍ରତିଭା ଭରି ଦେଇଛନ୍ତି। ତାହାର ଉନ୍ମେଷ ଘଟିଲେ ସମାଜ ବିକଶିତ ହେବା ସହ ରାଜ୍ୟ ପାଇଁ ସମ୍ବଳ ସୃଷ୍ଟି ହୋଇପାରିବ ବୋଲି କହିଛନ୍ତି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ। ଶୁକ୍ରବାର ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ସମ୍ପର୍କରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ସେଠୀ ସରକାରଙ୍କର ଏହି ବ୍ୟବସ୍ଥା ଦ୍ୱାରା ଆମ ମାତୃଭାଷାର ଉନ୍ନତି, ଆମ ଓଡ଼ିଆ ଭାଷା ସାହିତ୍ୟର ବିକାଶ ଓ ଆମ ପୂର୍ବସୁରୀଙ୍କ ଉପାଦେୟ ରଚନାଗୁଡିକ ପ୍ରତି ଆକର୍ଷଣ ବଢ଼ିବା ସହ ଏହାର ପ୍ରଚାର ପ୍ରସାର ଓ ସଂରକ୍ଷଣ ସହଜ ହୋଇପାରିବ ବୋଲି ଆଶା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚରିତା ପ୍ରତିହାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ବ୍ଲକ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର କର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଟୁନା ମଲ୍ଲିକ, ବିଦ୍ୟାଳୟ ମୋ ସ୍କୁଲ ଅଭିଯାନର ସଭାପତି ସୁକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ପିଲାଙ୍କୁ ଶୃଙ୍ଖଳିତ ଓ ଉନ୍ନତ ଚରିତ୍ର ଗଠନରେ ଏହି ସୃଜନଶୀଳତା ପରିପ୍ରକାଶରେ ସହାୟକ ହେବ ବୋଲି କହିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦଶମ ଶ୍ରେଣୀ ଛାତ୍ରୀ ପୂର୍ଣ୍ଣିମା ବେଜଙ୍କୁ ଷ୍ଟୁଡେଣ୍ଟ ଅଫ୍ ଦି ଇଅର, ଗୌରୀ ଶଙ୍କର ଚଇନୀଙ୍କୁ ଶ୍ରେଷ୍ଠ ଶିକ୍ଷକ ପୁରସ୍କାର ଓ ବରିଷ୍ଠ ଶିକ୍ଷକ ସୋମନାଥ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ବରିଷ୍ଠ ଶିକ୍ଷକ ଗୌରୀଶଙ୍କର ଚଇନି ସମସ୍ତଙ୍କୁ ସ୍ୱାଗତ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନେ କ୍ଲବ କାର୍ଯ୍ୟକ୍ରମର ପଦକ୍ଷେପକୁ ପରିଦର୍ଶନ କରିବା ସହ ୱାଲ ମାଗାଜିନ ଓ ପିଲାଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଭାତ କୁମାର ଦାଶ, ପ୍ରିୟଦର୍ଶିନୀ ସାହୁ ଓ ଅନ୍ୟାନ୍ୟ ଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ।

### ଦିନକରେ ମରିପଡ଼ିଲେ ୧୦୦ରୁ ଉର୍ଦ୍ଧ୍ୱ ଅଲିଭରିଡ୍‌ଲେ

## ପୁରୀ ଉପକୂଳରେ କଇଁଛ ମଡ଼କ

ପୁରୀ, ୧୯।୧(ସମିସ)

ପୁରୀ ଉପକୂଳରେ କଇଁଛ ମଡ଼କ ଦେଖିବାକୁ ମିଳିଛି। ମାତ୍ର ୭/୮ କିମି ମଧ୍ୟରେ ଗୋଟିଏ ଦିନରେ ପ୍ରାୟ ୧୦୦ଟି କଇଁଛ ମରି ଲାଗିବା ଘଟଣା ଏହାକୁ ସ୍ପଷ୍ଟ କରୁଛି। ସ୍ଥିତି ଏମିତି ହୋଇଥିଲା ଯେ, ବନ ବିଭାଗ କର୍ମଚାରୀ କଇଁଛ ପୋତି ପୋତି ନୟାନ୍ତ ହୋଇପଡ଼ିଥିଲେ। ଯାହାଦ୍ୱାରା କିଛି କଇଁଛ ପୋତି ପାରି ନ ଥିଲେ। ଶୁକ୍ରବାର ଏଭଳି ସ୍ଥିତି ଦେଖିବାକୁ ମିଳିଥିଲା ଚିତ୍ରେଶ୍ୱରୀ ବିଟ୍ ଅଧୀନ ଦଶଧାଡ଼ିଆ କଇଁଚ କ୍ୟାମ୍ପରୁ କେଲୁଣୀ ମୁହାଣ ମଧ୍ୟରେ। କଇଁଛଙ୍କ ଏଭଳି ଗଣମୃତ୍ୟୁକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ସ୍ୱେଚ୍ଛାସେବୀ ଏବଂ ପ୍ରକୃତି ବନ୍ଧୁ। ଯେଉଁ ଉଦ୍ଦେଶ୍ୟ ନେଇ ମାଛଧରା ଉପରେ କଟକଣା ଲଗାଯାଇଛି ତାହା କେବଳ ପ୍ରହସନ ବୋଲି ଅନେକ କହିଛନ୍ତି।

ପୁରୀ ଜିଲ୍ଲାରେ ଚିଲିକା ମୁହାଣଠାରୁ ଦେବୀ ମୁହାଣ ପର୍ଯ୍ୟନ୍ତ ପ୍ରାୟ ୧୦୦ କିମି ବ୍ୟାପ୍ତ ବେଳାଭୂମି ରହିଛି। ଅଲିଭରିଡ୍‌ଲେଙ୍କ ବଂଶବୃଦ୍ଧି ଲାଗି ଏହି ଅଞ୍ଚଳରେ ଟ୍ରଲର ଚଳାଚଳ ଉପରେ କଟକଣା ଜାରି କରାଯାଇଛି। କିନ୍ତୁ ନୋ ଫିସିଙ୍ଗ ଜୋନ ଘୋଷଣା କରାଯାଇଥିବା ଅଞ୍ଚଳରେ ମାଳ ମାଳ ଟ୍ରଲର ଚକ୍କର କାଟୁଛନ୍ତି। ଫଳରେ ପ୍ରଜନନ ପାଇଁ ଉପକୂଳମୁହାଁ ହେଉଥିବା କଇଁଛ ଟ୍ରଲର ଚଳାଚଳ ଯୋଗୁ ବିପଦରେ ପଡ଼ିଥାନ୍ତି। ଏମିତି କି ଟ୍ରଲର ମାଡରେ ବିପୁଳ ସଂଖ୍ୟାରେ କଇଁଛ ମରି ବେଳାଭୂମିରେ ଲାଗୁଥିବା ଦେଖିବାକୁ ମିଳୁଛି। ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କଡାକଡି କରାଯାଉ ନ ଥିବାରୁ ଟ୍ରଲରଗୁଡ଼ିକ ମନୋମୁଖୀ ଭାବେ ନିଷିଦ୍ଧାଞ୍ଚଳରେ ପଶି ଅନାୟସରେ ମାଛ ମାରୁଛନ୍ତି। ଅନେକ ସମୟରେ ଜାଲରେ ପଡ଼ି ଅକାଳରେ କଇଁଛଙ୍କ ମୃତ୍ୟୁ ହେଉଛି। ସବୁଠୁ ସାଂଘାତିକ ହେଉଛି ଫାଶୀ ଜାଲର ବ୍ୟବହାର। ଏଥିରେ କଇଁଛଟିଏ ପଡ଼ିବା ମାତ୍ରେ ମୁକୁଳିବା ଆଶା କ୍ଷୀଣ। ତେଣୁ ମତ୍ସ୍ୟଜୀବୀମାନେ ଏହାକୁ ମାରି ଦେଉଥିବା ଅଭିଯୋଗ ହେଉଛି। ତେଣୁ ବିଭିନ୍ନ ସମୟରେ ବେଳାଭୂମିରେ ମୃତ କଇଁଛ ଲାଗୁଥିବା ନଜିର ରହିଛି।



ଶୁକ୍ରବାର ଚିତ୍ରେଶ୍ୱରୀ ବିଟ୍ ଅଞ୍ଚଳରେ କଇଁଛ ମଡ଼କ ଦେଖିବାକୁ ମିଳିଥିଲା। ସକାଳୁ ମଲା କଇଁଛ ଭାସି ଆସି କୂଳରେ ଲାଗୁଥିଲେ। ଏହି ଧାରା ଅପରାହ୍ନ ପର୍ଯ୍ୟନ୍ତ ଲାଗିଥିଲା। ଦଶାଧାଡିଆ କଇଁଛ କ୍ୟାମ୍ପରୁ କେଲୁଣୀ ମୁହାଣ ପର୍ଯ୍ୟନ୍ତ ପ୍ରାୟ ୭/୮ କିମି ମଧ୍ୟରେ ଏହି ମୃତ କଇଁଛ ଲାଗିଥିଲେ। ପାଖାପାଖି ୧୦୦ ମଲା କଇଁଛ ଲାଗିଥିବା ବେଳେ ଖବର ପାଇ ଚିତ୍ରେଶ୍ୱରୀ ବିଟ୍‌ର କର୍ମଚାରୀମାନେ ବେଳାଭୂମିରେ କଇଁଛଗୁଡ଼ିକ ପୋତିଥିଲେ। ହେଲେ ଏତେ ସଂଖ୍ୟକ କଇଁଛ ପୋତି ପୋତି ସେମାନେ ବି ନୟାନ୍ତ ହୋଇପଡ଼ିଥିଲେ। ଫଳରେ କିଛି କଇଁଛ ବେଳାଭୂମିରେ ପଡ଼ିଥିବା କହିଛନ୍ତି କଇଁଛଙ୍କ ସୁରକ୍ଷା ଦିଗରେ କାମ କରୁଥିବା ପ୍ରକୃତି ବନ୍ଧୁ ସରୋଜ କୁମାର ଜେନା। ଏତେ ସଂଖ୍ୟକ କଇଁଛ ମରିବା ସମ୍ପର୍କରେ ଶ୍ରୀ ଜେନା କହିଛନ୍ତି, ପାଟ୍ରୋଲିଂ କଡାକଡି କରାଯାଉ ନ ଥିବାରୁ ନିଷିଦ୍ଧାଞ୍ଚଳରେ ମାଳ ମାଳ ଟ୍ରଲର ବୁଲୁଛନ୍ତି। ମାଛ ଧରିବା ପାଇଁ ବ୍ୟବହାର ହେଉଥିବା ଫାଶୀ ଜାଲରେ କଇଁଛ ପଡ଼ିଲେ ଲାଖି ରହିଯାନ୍ତି। ମତ୍ସ୍ୟଜୀବୀମାନେ ଜାଲ ଉଠାଇବା ପରେ ଜାଲକୁ ସୁରକ୍ଷିତ ରଖିବା ପାଇଁ କଇଁଛଙ୍କୁ ମାରି ଦେଇଥାନ୍ତି। ଯାହାର ଫଳସ୍ୱରୂପ ଆଜି ଏତେ ସଂଖ୍ୟକ ମଲା କଇଁଛ ଲାଗିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କୋଣାର୍କ ମତ୍ସ୍ୟ କାର୍ଯ୍ୟାଳୟରେ କୌଣସି ଅଧିକାରୀ ରହୁ ନାହାନ୍ତି। ଫଳରେ ଟ୍ରଲର ଚାଳକଙ୍କ ଧରପଗଡ଼ ଭୟ ରହୁ ନାହିଁ ବୋଲି କହିଛନ୍ତି ଶ୍ରୀ ଜେନା।

ସହକାରୀ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ରାଉଳ କହିଛନ୍ତି, କଇଁଛଙ୍କ ମୃତ୍ୟୁ ସମ୍ପର୍କରେ ଅବଗତ ଅଛି। ହେଲେ କର୍ମଚାରୀ ଅଭାବରୁ ଯେଉଁ ପରିମାଣରେ ପାଟ୍ରୋଲିଂ ହେବା କଥା ସମ୍ଭବ ହୋଇପାରୁନି। କୋଣାର୍କ ମତ୍ସ୍ୟ କାର୍ଯ୍ୟାଳୟର ଅଧିକାରୀ ସପ୍ତାହକୁ ୫ ଦିନ ପୁରୀ କାର୍ଯ୍ୟାଳୟରେ କାମ କରୁଥିବାରୁ ସମସ୍ୟା ହେଉଛି। ତଥାପି କଇଁଛଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯିବ ବୋଲି ଶ୍ରୀ ରାଉଳ କହିଛନ୍ତି।

## ପଠାଣି ସାମନ୍ତ ପ୍ରେକ୍ଷାଳୟ ଲୋକାର୍ପିତ

# 'ରୂପାନ୍ତରିତ ପ୍ରକଳ୍ପର ସୁରକ୍ଷା ପାଇଁ ସଚେତନତା ଆବଶ୍ୟକ'

ନୟାଗଡ଼, ୧୯।୧(ସମିସ): ନୟାଗଡ଼ ପୌର ପରିଷଦ ଅଧୀନରେ ରହିଥିବା ପଠାଣି ସାମନ୍ତ ପ୍ରେକ୍ଷାଳୟ ରୂପାନ୍ତରିତ ହେବା ପରେ ଆଜି ଲୋକାର୍ପିତ ହୋଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲାପାଳ ଡ. ରବୀନ୍ଦ୍ର ନାଥ ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ଼ ସହରର ବହୁ ବୁଦ୍ଧିଜୀବୀ, ସାହିତ୍ୟିକ ଏବଂ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ନୟାଗଡ଼ ସହରର ବିକାଶ ଓ ଉନ୍ନତିମୂଳକ କାର୍ଯ୍ୟକୁ ନେଇ ଦୁଇଟି ଭିଡିଓ ସମସ୍ତଙ୍କୁ ଅବିଭୂତ କରିଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଡ. ସାହୁ ତାଙ୍କ ବକ୍ତବ୍ୟରେ ରୂପାନ୍ତରିତ ପ୍ରକଳ୍ପର ସୁରକ୍ଷା ପାଇଁ ସଚେତନତା ଆବଶ୍ୟକ ବୋଲି କହିଥିଲେ। ନୟାଗଡ଼ର ବିକାଶମୂଳକ କାର୍ଯ୍ୟଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଚିନ୍ତା କରାଯିବାର ଆବଶ୍ୟକତା ରହିଛି। ନୟାଗଡ଼ ସହରର ପ୍ରତ୍ୟେକ କୋଣରେ ବିକାଶ ଓ ଉନ୍ନତି ପାଇଁ କରାଯାଇଥିବା କାର୍ଯ୍ୟଗୁଡ଼ିକ ସମ୍ପର୍କରେ ଡ. ସାହୁ ବକ୍ତବ୍ୟ ଦେବା ସହ କିଭଳି ପ୍ରତ୍ୟେକକୁ ବ୍ୟବହାର କରାଯିବ ଏବଂ



ସୁରକ୍ଷିତ ରହିବ, ତାହାକୁ ସେ ଗୁରୁତ୍ୱ ଦେଇଛନ୍ତି। ନୟାଗଡ଼ ଜିଲ୍ଲାପାଳ ରୂପାନ୍ତରିତ ପଠାଣି ସାମନ୍ତ ପ୍ରେକ୍ଷାଳୟ ପାଇଁ କିଛି ଆବଶ୍ୟକ କାର୍ଯ୍ୟକୁ ଯଥାଶୀଘ୍ର କରାଯିବା ନେଇ ପଦକ୍ଷେପ ନେବାକୁ ପୌର ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

ଏଠାରେ ପ୍ରକାଶ ଯୋଗ୍ୟ, ୨ କୋଟି ଟଙ୍କା ବ୍ୟୟରେ ପଠାଣି ସାମନ୍ତ ପ୍ରେକ୍ଷାଳୟ ରୂପାନ୍ତରିତ କରାଯାଇଛି। ଏଠାରେ ନୟାଗଡ଼ର ଅନେକ ମଞ୍ଚ ନାଟକ ପୂର୍ବରୁ ଅନୁଷ୍ଠିତ ହେଉଥିବା ବେଳେ ପ୍ରମୁଖ ଅନୁଷ୍ଠାନଗୁଡ଼ିକର ବାର୍ଷିକ ଉତ୍ସବଠାରୁ ଆରମ୍ଭ କରି ଅନେକ ସଭା କରାଯାଉଥିଲା। ଏହାର ରୂପାନ୍ତରଣ ପରେ ଆଜି ଲୋକାର୍ପିତ ହୋଇଥିବା ବେଳେ ଏହା ପାଇଁ ସ୍ୱତନ୍ତ୍ର ନିୟମ ଲାଗୁ କରିବା ପାଇଁ ବିଧାୟକ ପରାମର୍ଶ ଦେଇଛନ୍ତି। ପ୍ରେକ୍ଷାଳୟ ପରିସରରେ ଚା', ଜଳଖିଆ ପ୍ରବେଶ ନିଷେଧ କରାଯିବା ସହ ଏହାକୁ ସୁରକ୍ଷିତ ରଖିବା ପାଇଁ ପଦକ୍ଷେପ ନେବାକୁ ପୌର ନିର୍ବାହୀ ଅଧିକାରୀଙ୍କୁ କହିଛନ୍ତି।

## ଗିରଫ ଶ୍ରମିକ ନେତାଙ୍କୁ ଜାମିନ

ନୟାଗଡ଼, ୧୯।୧(ସମିସ): ନୟାଗଡ଼ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ଗିରଫ ୩ ଜଣ ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ, ବାସୁଦେବ ମହାନ୍ତି, ରଘୁନାଥ ମହାରଣାଙ୍କୁ ଜାମିନ ମିଳିଛି। ନୟାଗଡ଼ ଜିଲ୍ଲା ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତଙ୍କ ଅଭିଯୋଗ କ୍ରମେ ଗୁରୁବାର ଏମାନେ ତାଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ଯାହାକୁ ନେଇ ସେମାନେ ତାଙ୍କୁ ମାଡ଼ ମାରିଥିବା ନେଇ ଶ୍ରମ ଅଧିକାରୀ ଟାଉନଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ଏଠାରେ ପ୍ରକାଶଯୋଗ୍ୟ ଯେ, ନୟାଗଡ଼ ଜିଲ୍ଲା ଶ୍ରମ ଅଧିକାରୀ ଅନେକ ଅନିୟମିତତା କରୁଥିବା ନେଇ ଏହି ନେତାମାନେ ପ୍ରତିବାଦ କରୁଥିଲେ। ନୟାଗଡ଼ ଜିଲ୍ଲା ଶ୍ରମ ଅଧିକାରୀ ଅଣସଂଗଠିତ ଶ୍ରମିକ ପରିଚୟପତ୍ର ପାଇଥିବା ଅନେକ ଲୋକଙ୍କୁ ନିର୍ମାଣ ଶ୍ରମିକ ପରିଚୟପତ୍ର ପ୍ରଦାନ କରିଥିବା ନେଇ ଏହି ନେତାମାନେ ବିରୋଧ କରି ଆସୁଥିଲେ। ଯାହାକୁ ନେଇ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରାଯାଇଥିବା ଅନେକ ମତ ଦେଇଛନ୍ତି। ଏ ସମ୍ପର୍କରେ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଯୋଗାଯୋଗ କରିବାରେ, ମୁଁ କମିଶନରଙ୍କ ଅଫିସରେ ଅଛି କିଛି କହି ପାରିବି ନାହିଁ ବୋଲି କହିଛନ୍ତି।

## ବିଦ୍ୟାଳୟରେ ସାହିତ୍ୟ ସୃଜନୀ, ଜିଜ୍ଞାସା ଉତ୍ସବ

କଣ୍ଟିଲୋ, ୧୯।୧(ସମିସ): ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଚାଲିଥିବା ସାହିତ୍ୟ ସୃଜନୀ କାର୍ଯ୍ୟକ୍ରମ କଣ୍ଟିଲୋ କୁଞ୍ଜ ବିହାରୀ ନୋଡ଼ାଲ ହାଇସ୍କୁଲ ଓ ନୀଳମାଧବ ବିଦ୍ୟାପୀଠ ଉଭୟ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀନିବାସ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟା ତଥା ମୋ ସ୍କୁଲ ସଭାପତି ଉଜଳ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ପ୍ରଭାକର ଶିରୋମଣି, ନବକିଶୋର ସାହୁ, ପୂର୍ଣ୍ଣଚନ୍ଦ୍ର ମହାରଣା, ସରୋଜ କୁମାର ମିଶ୍ର, ସୁଜାତା ସାହୁ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ ପାଇଁ କଠିନ ଅଧ୍ୟବସାୟ ଜରୁରୀ ବୋଲି ପରାମର୍ଶ ଦେଇଥିଲେ। ଅନୁଷ୍ଠିତ ସାହିତ୍ୟ ସୃଜନୀ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ମୋ କଥା ମୋ କାହାଣୀ ମାଧ୍ୟମରେ ନିଜସ୍ୱ ପୁସ୍ତକ ରଚନା କରିଥିଲେ। ଜୈବ ବିବିଧତା, ମୃତ୍ତିକା ସଂରକ୍ଷଣ, '୫-ଟି' ସ୍କୁଲ ରୂପାନ୍ତରଣ, ଚନ୍ଦ୍ର ଯାନ ଓ କଣ୍ଟେଇ ମୁଣ୍ଡି ବାଇଗଣକୁ ଜିଆଇ ଟ୍ୟାଗ୍ ମାନ୍ୟତା ଆଦି ପ୍ରୋଜେକ୍ଟ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା।

## ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ



ଓଡ଼ଗାଁ, ୧୯ ।୧(ସମିସ): ନୟାଗଡ଼ ଜିଲ୍ଲା ଆରଡ଼ା ପଞ୍ଚାୟତ ମହୁଲିଆ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ରାଉତ(୧୧୨)ଙ୍କ ପରଲୋକ ଘଟିଛି। ତାଙ୍କ ବିୟୋଗରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ସରପଞ୍ଚ ଶାରଦା ଦୋରା ଓ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ସ୍ୱର୍ଗତ ରାଉତ ୧୯୧୨ ମସିହା ଜାନୁଆରୀ ୬ ତାରିଖରେ ଜନ୍ମଗ୍ରହଣ କରିଥିଲେ। ସେ ଭାରତ ଛାଡ଼ ଆନ୍ଦୋଳନରେ ଯୋଗଦେଇ କାରାବରଣ କରିଥିଲେ। ଜଣେ ସମାଜସେବୀ ଓ ଆରଡ଼ା ଆର୍ଯ୍ୟସମାଜର ପୃଷ୍ଠପୋଷକ ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଥିଲା। ସେ ଅବିଭକ୍ତ ନନ୍ଦିଘର ପଞ୍ଚାୟତର ନାଏବ ସରପଞ୍ଚ ରୂପେ ମଧ୍ୟ କାର୍ଯ୍ୟ ତୁଲାଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବ୍ଲକ କାର୍ଯ୍ୟାଳୟ ଆଗରେ ଗରା, ବାଲ୍ତି ଧରି ବିକ୍ଷୋଭ

ଗଣିଆ, ୧୯।୧(ସମିସ): ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ଛାମୁଣ୍ଡିଆ ହରିଜନ ସାହିରେ ଗ୍ରୀଷ୍ମଋତୁ ପୂର୍ବରୁ ପାନୀୟ ଜଳ ସମସ୍ୟା ଦେଖିବାକୁ ମିଳିଛି। ପିଇବା ପାଣି ପାଇଁ ପ୍ରତିବର୍ଷ ଗ୍ରୀଷ୍ମଋତୁରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଛାମୁଣ୍ଡିଆ ହରିଜନସାହିର ମହିଳାମାନେ ଗରା ଓ ବାଲ୍ଟି ଧରି ଶୁକ୍ରବାର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓଙ୍କୁ ସମସ୍ୟା ସମାଧାନ ପାଇଁ ଦାବି କରିଥିଲେ। ଏହି ସାହିରେ ଗୋଟିଏ ନଳକୂପ, ଗୋଟିଏ ଖୋଲାକୂଅ ଓ ଗୋଟିଏ ସୋଲାର ଟ୍ୟାପ୍ ଉପରେ ୬୦ ପରିବାର ପିଇବା ପାଣି ପାଇଁ ନିର୍ଭର କରିଥାନ୍ତି। ଖୋଲାକୂଅଟି ଗ୍ରୀଷ୍ମଋତୁ ଆରମ୍ଭରୁ ଶୁଖିଯାଉଥିବା ବେଳେ ଅନ୍ୟ ଏକ ନଳକୂଅଟି ଦେଢ଼ ବର୍ଷ ହେଲା ମରାମତି ନହୋଇ ଅଚଳାବସ୍ଥାରେ ପଡ଼ି ରହିଛି। ଏକମାତ୍ର ଭରସା ଥିବା ସୋଲାର ଟ୍ୟାପଟି ପର୍ଯ୍ୟାପ୍ତ ପାଣି ସାହିବାସିନ୍ଦାଙ୍କୁ ଯୋଗାଇ ପାରୁନାହିଁ। ଫଳରେ ଲୋକମାନେ ମହାନଦୀରୁ ପିଇବା ପାଣି ସଂଗ୍ରହ କରୁଥିବା ଅଭିଯୋଗ କରିଛନ୍ତି। ପ୍ରତିବର୍ଷ ଛାମୁଣ୍ଡିଆ ପଞ୍ଚାୟତ କାର୍ଯ୍ୟାଳୟ ତରଫରୁ ଗ୍ରୀଷ୍ମଋତୁରେ ଟ୍ୟାଙ୍କର ଯୋଗେ ଏହି ସାହି ବାସିନ୍ଦାଙ୍କୁ ପିଇବା ପାଣି ଯୋଗାଇ ଦିଆଯାଉଥିଲେ ମଧ୍ୟ ତାହା ଲୋକଙ୍କ ଆବଶ୍ୟକତାକୁ ମେଣ୍ଟାଇ ପାରୁନାହିଁ। ଗତ ୩ ବର୍ଷ ଧରି ବ୍ଲକ କାର୍ଯ୍ୟାଳୟ ଓ ପାନୀୟ ଜଳ ଯୋଗାଣ ବିଭାଗ ନଳକୂପ ମରାମତି ଦାୟିତ୍ୱ ହାତକୁ ନେଇ ସଠିକ ଭାବେ ନଳକୂପଗୁଡ଼ିକର ମରାମତି କରାଯାଉନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସାହିରେ ପିଇବା ପାଣି ପାଇଁ ଅଚଳ ନଳକୂପକୁ ମରାମତି କରାଯିବା ସହ ନୂତନ ସୋଲାର ଟ୍ୟାପ ନିର୍ମାଣ କରାଯିବା ପାଇଁ ଗଣିଆ ବିଡିଓଙ୍କ ନିକଟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଡିଓ ଡମ୍ବରୁଧର ମଲ୍ଲିକ ସାହିବାସିନ୍ଦାଙ୍କ ସମସ୍ୟା ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ନଳକୂପ ମରାମତି ଓ ନୂତନ ସୋଲାର ଟ୍ୟାପ ଦାବି



## ଦଶପଲ୍ଲା କପ୍ ଫୁଟବଲ୍: ସେମିରେ ଝାଡ଼ଖଣ୍ଡ



ଦଶପଲ୍ଲା, ୧୯।୧(ସମିସ): ସ୍ଥାନୀୟ ଗାନ୍ଧୀ ମଇଦାନରେ ଚାଲିଥିବା ସର୍ବଭାରତୀୟ ଦଶପଲ୍ଲା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଗ୍ରୁପ୍ ବିର ୨ୟ ଲିଗ୍ ମ୍ୟାଚ୍ ଶେଷ ହୋଇଛି। ଆଜିର ସଙ୍ଘର୍ଷପୂର୍ଣ୍ଣ ଖେଳରେ ଡିଏମ୍ଏସ୍ଏଫ୍ ଚକ୍ରଧରପୁର ଝାଡ଼ଖଣ୍ଡ ଦଳ ୨-୧ ଗୋଲ୍‌ରେ ଜଗା ୟୁନାଇଟେଡ ଭୁବନେଶ୍ୱର ଦଳକୁ ପରାସ୍ତ କରି ୨ୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଏହି ଅବସରରେ ନୟାଗଡ଼ ଜିଲ୍ଲା ଠିକାଦାର ସଂଘ ସଭାପତି ସୁବାସ କହଁର ଓ ସମ୍ପାଦକ ସରୋଜ ରଞ୍ଜିତସିଂହ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଶ୍ୟାମ ସୁନ୍ଦର ଶାହ ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରସନ୍ନ ନାୟକ ଓ ରବୀନ୍ଦ୍ର ନାୟକ ଲାଇନ୍ସ ସମ୍ଭାଳିଥିଲେ। ଅଶୋକ ପ୍ରଧାନ ଫୋର୍ଥ ଅଫିସିଆଲ୍ ଦାୟିତ୍ୱ ନିର୍ବାହ କରିଥିଲେ।

## ବଦଳିଲେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ

ନୟାଗଡ଼, ୧୯।୧(ସମିସ): ଆଜି ରାଜ୍ୟ ସରକାର ୪୪ ଜଣ ପୌର ନିର୍ବାହୀ ଅଧିକାରୀ ଓ ବିଜ୍ଞାପିତ ଅଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ ମାନଙ୍କର ବଦଳି କରିଛନ୍ତି। ନୟାଗଡ଼ ପୌରାଞ୍ଚଳରେ କାର୍ଯ୍ୟରତ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାତି ମିଶ୍ରଙ୍କର ବଦଳି ହୋଇଛି। ତାଙ୍କୁ କଟକ ମ୍ୟୁନିସିପାଲ କର୍ପୋରେସନର ସହକାରୀ କମିଶନର ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଭୁବନେଶ୍ୱର ମ୍ୟୁନିସିପାଲଟିର ଡାଏ କମିଶନର ସ୍ନେହଲତା ଆଚାର୍ଯ୍ୟଙ୍କୁ ନୟାଗଡ଼ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି କରାଯାଇଛି। ସେହିପରି ଭାବେ ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳରେ କାର୍ଯ୍ୟରତ କାର୍ଯ୍ୟନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ରଙ୍କର ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳକୁ ବଦଳି କରାଯାଇଛି। ଦଶପଲ୍ଲାକୁ ପିପିଲି ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତଙ୍କୁ ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳକୁ ବଦଳି କରାଯାଇଛି।

## ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ



ଓଡ଼ଗାଁ, ୧୯ ।୧(ସମିସ): ଓଡ଼ଗାଁ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧୀନସ୍ଥ ଝାଙ୍ଗୀରାମ ସରକାରୀ ଉଚ୍ଚ ବିଦ୍ୟାଳୟ, ଗୌଡ଼ପୁଟରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ତପନ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥିଭାବେ ସରପଞ୍ଚ ତ୍ରିନାଥ ନାୟକ, ସ୍କୁଲ ସଭାପତି ଆନନ୍ଦ ଚନ୍ଦ୍ର ବାରିକ, ପୂର୍ବତନ କ୍ରୀଡ଼ା ଶିକ୍ଷକ ଜୟକୃଷ୍ଣ ଜେନା, ସଂକୀର୍ତ୍ତନ ଗାୟକ ଭରତ ସାହୁ, ପାଲାଗାୟକ ଅକ୍ରୁର ବାରିକ, ସିଆରସିସି ଚିତ୍ତରଞ୍ଜନ ମିଶ୍ର, ସାମ୍ବାଦିକ ସାରସ କୁମାର ମିଶ୍ର, ଗଣେଶ୍ୱର ସାହୁ ଯୋଗଦେଇଥିବା ବେଳେ ସଂସ୍କୃତ ଶିକ୍ଷକ ଫକିର ମୋହନ ମିଶ୍ର ସଂଯୋଜନା କରିଥିଲେ। ପରିଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁରୂପ ଭାବେ କୁରାଳ ଆନନ୍ଦସାହୁ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାସଙ୍କ ତତ୍ତ୍ୱାବଧାନରେ ପରିଚାଳନାରେ ଭାଷା ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେହିପରି ରାହାସ ବିଦ୍ୟାପୀଠ ସାକେରୀଠାରେ ଭାଷା, ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ ପାଳିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପାୟଲ ପ୍ରଧାନ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସମିତିସଭ୍ୟା ମମତା ପ୍ରଧାନ ଓ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ଅରକ୍ଷିତ ସାହୁ, ସୁବାସଚନ୍ଦ୍ର ପ୍ରଧାନ, ଉମାଚରଣ ପ୍ରଧାନ, ସାମ୍ବାଦିକ ଅଶୋକ ମହାପାତ୍ର, ସାରସ କୁମାର ମିଶ୍ର, ଗଣେଶ୍ୱର ସାହୁ, ଅର୍ଜ୍ଜୁନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାହାସ ବିଦ୍ୟାପୀଠ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ସମସ୍ତ କର୍ମଚାରୀଙ୍କ ସହଯୋଗରେ ସୁନ୍ଦର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

● ସିଧାମୂଳା ଅଞ୍ଚଳରେ ମାଲମାଲ ଇଟାଭାଟି

## ବିଷାକ୍ତ ଧୂଆଁରେ ସାଧାରଣ ଲୋକେ ଅଣନିଃଶ୍ୱାସୀ



ଖଣ୍ଡପଡ଼ା, ୧୯।୧(ସମିସ): ବେଆଇନ ଇଟାଭାଟି ନିର୍ମାଣ ଖଣ୍ଡପଡ଼ା ଆଖପାଖ ଅଞ୍ଚଳ ତଥା ତହସିଲ ଅଞ୍ଚଳର ବିଭିନ୍ନ ରାଜସ୍ୱ ଗ୍ରାମରେ ଇଟା ମାଫିଆମାନେ ସକ୍ରିୟ ହେବା ସହ ଏକର ଏକର ଗୋଚର ଜାଗା, ଅନାବାଦୀ ଜମି, ନଈପଠା ଓ ଜଙ୍ଗଲ ଜମିରେ ଅବାଧ କାରବାର କରୁଥିବା ବେଳେ ସରକାରଙ୍କ ରାଜସ୍ୱ ହାନି ସହ ବ୍ୟାପକ ଅଞ୍ଚଳରେ ମୃତ୍ତିକା କ୍ଷୟ ହେଉଛି। ପରିବେଶ ପ୍ରଦୂଷଣକୁ ରୋକିବା ପାଇଁ ସରକାର ଅନେକ ସମୟରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରୟାସ ଜାରି ରଖିଛନ୍ତି। ମାତ୍ର ସେସବୁକୁ ବେଖାତିର କରି ଇଟା ମାଫିଆମାନେ ବର୍ଷତମାମ ନିର୍ମାଣ କରୁଛନ୍ତି ଶତାଧିକ ଇଟାଭାଟି। ଏସବୁ ହେଉଥିବା ଜାଣି ମଧ୍ୟ ସ୍ଥାନୀୟ ପ୍ରଶାସନ ଓ ରାଜସ୍ୱ ନିରୀକ୍ଷକ ଆଖି ବୁଜି ଦେଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ବ୍ଲକ ଅଧୀନ ସିଧାମୂଳା ପଞ୍ଚାୟତ ଘୋଡାମାରୀଦ୍ୱାର ଗ୍ରାମ ନିକଟସ୍ଥ ଜଙ୍ଗଲରେ ବେଆଇନ ଇଟାଭାଟି ଗଢି ଉଠିଥିବା ନେଇ ଅଭଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ସ୍ଥାନୀୟ ଅଞ୍ଚଳର କିଛି ଅସାଧୁ ଲୋକେ ଉକ୍ତ କାର୍ଯ୍ୟରେ ଲିପ୍ତ ଥିବା ବେଳେ ଏଥିପାଇଁ ଜଙ୍ଗଲରୁ ମୂଲ୍ୟବାନ କଞ୍ଚା ଗଛ ସବୁ କାଟି ନେଉଥିବା ସୂଚନା ମିଳିଛି। ଫଳରେ ଜଙ୍ଗଲ କ୍ଷୟ ସହ ଧୂଆଁରେ ଅତିଷ୍ଠ ହେଲେଣି ସ୍ଥାନୀୟ ବାସିନ୍ଦା। ସରକାରୀ ଜମିରେ ଏଭଳି ବେଆଇନ ଇଟାଭାଟି କାର୍ଯ୍ୟ ଚାଲିଥିଲେ ମଧ୍ୟ ତହସିଲ ପ୍ରଶାସନ ଚୁପ ବସିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଅଭିଯୋଗ ପରେ ଲୋକ ଦେଖାଣିଆ ଭାବେ ଜରିମାନା ଆଦାୟ କରାଯାଇ ଏଭଳି କାର୍ଯ୍ୟକୁ ପ୍ରୋତ୍ସାହନ ଦିଆଯାଉଥିବା ସ୍ଥାନୀୟବାସିନ୍ଦା କହିଛନ୍ତି। ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଅନୁଯାୟୀ ଉପର ପୋଡ଼ା ଇଟାଭାଟି ସମ୍ପୂର୍ଣ୍ଣ ବେଆଇନ। ଇଟାଭାଟି ଯୋଗୁଁ ଶହ ଶହ ଏକର ଚାଷ ତଥା ସରକାରୀ ଜମିରୁ ମାଟି କ୍ଷୟ ହୋଇଚାଲିଛି। ଅଭିଯୋ ଗ ଅନୁଯାୟୀ, ଇଟାଭାଟି ପାଇଁ ଅନୁମତି ଦେଇ କିଛି ସରକାରୀ କର୍ମଚାରୀ ହାତଗୁଞ୍ଜା ନେଉଛନ୍ତି। ଏନେଇ ସ୍ଥାନୀୟ ତହସିଲଦାରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ତେବେ ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

● ନୀଳମାଧବ ମହାବିଦ୍ୟାଳୟ

## 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଯାପିତ

କଣ୍ଟିଲୋ, ୧୯।୧(ସମିସ): ନୀଳମାଧବ ମହାବିଦ୍ୟାଳୟରେ 'ନୂଆ-ଓ' ଆନୁକୂଲ୍ୟରେ ଚାଲିଥିବା ସାଂସ୍କୃତିକ, କ୍ରୀଡ଼ା ଓ ସାମାଜିକ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ରଣଜିତ୍ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ଈଶ୍ୱର ଚନ୍ଦ୍ର ଦାଶ କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣୀ ବେହେରା, ବଡ଼ବାଣପୁର ସରପଞ୍ଚ ପ୍ରତିମା ପ୍ରଧାନ, ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟା ଉଜଳ ମହାରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇ 'ନୂଆ-ଓ' କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧିରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ସତ୍‌ସଙ୍ଗ ପକ୍ଷରୁ ମହୋତ୍ସବ ପଡ଼ିଆ ସଫେଇ

ଭାପୁର, ୧୯ ।୧(ସମିସ): ଭାପୁର ବଜାରରେ ଥିବା ସତସଙ୍ଗ କେନ୍ଦ୍ର ତରଫରୁ ଭାପୁର ମହୋତ୍ସବ ପଡ଼ିଆ ସଫେଇ କରାଯାଇଛି। ଭାପୁର ମହୋତ୍ସବ ସମାପ୍ତ ହେବା ପରେ ମହୋତ୍ସବ ପଡ଼ିଆଟି ପଲିଥିନ ଓ ଆବର୍ଜନାରେ ଭରି ରହିଥିଲା। ଯାହାକୁ ଦେଖି ସତ୍‌ସଙ୍ଗ କେନ୍ଦ୍ରର ଲକ୍ଷ୍ମୀଧର ସାହୁ, ନବକିଶୋର ସାହୁ, ମନୋଜ ସିଂ, ଦୀଲ୍ଲିପ କୁମାର ପ୍ରଧାନ, ଗୋକୁଳାନନ୍ଦ ସାମନ୍ତରାୟ, ସନ୍ତୋଷ କୁମାର ସାମନ୍ତରାୟ, ଧିମାନ ବେହେରା, ସ୍ୱପ୍ନେଶ୍ୱର ରଣା ଓ ପ୍ରସନ୍ନ ରାଉତଙ୍କ ସମେତ ବହୁ ସଭ୍ୟ ମିଳିତ ହୋଇ ମହୋତ୍ସବ ପଡ଼ିଆର ଅର୍ଦ୍ଧେକ ସଫେଇ କରିଛନ୍ତି। ଶନିବାର ବାକି ପଡ଼ିଆ ସଫେଇ କରାଯିବ ବୋଲି ସୂଚନା ଦିଆଯାଇଛି।

## ଶ୍ରୀରାମ ମନ୍ଦିର ପ୍ରତିଷ୍ଠା, ପଞ୍ଚ କୁଣ୍ଡୀୟ ଯଜ୍ଞ ଆରମ୍ଭ

# ଆଜି ଆସିବେ ଶଙ୍କରାଚାର୍ଯ୍ୟ, ଆସିଲେଣି ସାଧୁସନ୍ଥ

ଭାପୁର, ୧୯।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ଶ୍ରୀରାମ ପାହାଡ଼ ଶିଖରରେ ନିର୍ମିତ ଶ୍ରୀରାମ ମନ୍ଦିର ଆସନ୍ତା ସୋମବାର ପ୍ରତିଷ୍ଠା ହେବା ସହ ପ୍ରଭୁଙ୍କ ପ୍ରାଣପ୍ରତିଷ୍ଠା କରାଯିବ। ଏହି ଉପଲକ୍ଷେ ଜଗତଗୁରୁ ଶଙ୍କରାଚାର୍ଯ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଶନିବାରଠାରୁ ଭାପୁର ଆସୁଥିବାରୁ ଅଞ୍ଚଳରେ ଉତ୍କଣ୍ଠା ଓ ଉଦ୍ଦିପନା ସୃଷ୍ଟି ହୋଇଛି। ଶଙ୍କରାଚାର୍ଯ୍ୟ ଏକ ସାଧୁ ସମ୍ମିଳନୀରେ ଉଦ୍‌ବୋଧନ ଦେବା ପାଇଁ କାର୍ଯ୍ୟକ୍ରମ ରହିଛି। ଯାହାକୁ ନେଇ ଜିଲ୍ଲା ବାହାରୁ ସାଧୁସନ୍ଥଙ୍କ ଆଗମନ ଆରମ୍ଭ ହୋଇଛି। ଜିଲ୍ଲାର ଶତାଧିକ ସାଧୁସନ୍ଥମାନେ ରବିବାର ପହଞ୍ଚି ଯିବେ। ମନ୍ଦିର ପରିସରରେ ଏକ ବିରାଟ ଯଜ୍ଞ ମଣ୍ଡପ ନିର୍ମାଣ ହୋଇ ପଞ୍ଚକୁଣ୍ଡୀୟ ଯଜ୍ଞ ଆରମ୍ଭ ହୋଇଯାଇଛି। ଆସନ୍ତା ୨୨ ତାରିଖରେ ଶ୍ରୀରାମ ପାହାଡ଼ ଉପରେ ନିର୍ମିତ ମନ୍ଦିରର ପ୍ରତିଷ୍ଠା ହେବ। ଏହି ମୁହୂର୍ତ୍ତରେ ପୁରୀ ଶଙ୍କରାଚାର୍ଯ୍ୟ ଉପସ୍ଥିତ ରହିବାକୁ ଥିବାରୁ ଏହାର ମହତ୍ତ୍ୱ ଅଧିକ ବଢ଼ିଯାଇଛି। ଭାପୁର ମାଟିରେ ଶଙ୍କରାଚାର୍ଯ୍ୟଙ୍କ ଏହା ପ୍ରଥମ ପଦାର୍ପଣ ହେବାକୁ ଯାଉଥିବାରୁ ଭାପୁର ଅଞ୍ଚଳରେ ଉତ୍ସାହ ସୃଷ୍ଟି ହୋଇଛି। ଶଙ୍କରାଚାର୍ଯ୍ୟ ଶନିବାର



ଅପରାହ୍ନରେ ଆସି ଫତେଗଡ଼ରେ ପହଞ୍ଚିବେ ଓ ଦୁଇ ଦିନ ରହିବେ। ତାଙ୍କର ଆସିବା ପାଇଁ ହେଲିପ୍ୟାଡର ବ୍ୟବସ୍ଥା ହୋଇଛି। ତାଙ୍କ ସୁରକ୍ଷା ପାଇଁ ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ହୋଇ ରହିଛି। ଦୁଇଦିନ ହେଲା ପୁଲିସ ସମସ୍ତ ସୁରକ୍ଷା ସମ୍ବନ୍ଧିତ ଦିଗ ଯାଞ୍ଚ କରି ନକ୍ସା ପ୍ରସ୍ତୁତ କରିସାରିଛି। ମନ୍ଦିର ପରିସରରେ ଯଜ୍ଞ ଆରମ୍ଭ ହୋଇସାରିଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ବେଦଜ୍ଞ ପଣ୍ଡିତ ମାନେ ପଞ୍ଚ କୁଣ୍ଡୀୟ ଯଜ୍ଞ ଆରମ୍ଭ କରିଛନ୍ତି। ଫତେଗଡ଼ ଗ୍ରାମର ଆରାଧ୍ୟ ଦେବତା ଗୋପୀନାଥ, ବାଲୁଙ୍କେଶ୍ୱରଦେବ ଓ ଗୋପାଳଜୀୟୁ ଦେବଙ୍କ ଚଳନ୍ତି ପ୍ରତିମା ବିମାନରେ ଯାଇ ଯଜ୍ଞମଣ୍ଡପ ନିକଟରେ ଯଜ୍ଞ ପୂର୍ଣ୍ଣାହୁତି ପର୍ଯ୍ୟନ୍ତ ରହିବେ। ମନ୍ଦିର ପ୍ରତିଷ୍ଠା ପାଇଁ ଆୟୋଜିତ ହେଉଥିବା ଯଜ୍ଞରେ ପଣ୍ଡିତମାନଙ୍କ ମନ୍ତ୍ର ଉଚ୍ଚାରଣ ସହ ମନ୍ଦିର ପରିସରରେ ଭିନ୍ନ ଭିନ୍ନ ସ୍ଥାନରେ ସାଧୁସନ୍ଥଙ୍କ ଭଜନ କୀର୍ତ୍ତନ, ବେଦପାଠରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହେଉଛି।

## ଦ୍ରୋଣାଚାର୍ଯ୍ୟ ପ୍ରଶିକ୍ଷଣ କେନ୍ଦ୍ରର ପ୍ରତିଷ୍ଠାତା ଦିବସ

କୁହୁଡ଼ି, ୧୯।୧(ସମିସ): ସୋରଣ ସ୍ଥିତ ଦ୍ରୋଣାଚାର୍ଯ୍ୟ ପ୍ରଶିକ୍ଷଣ କେନ୍ଦ୍ରର ପ୍ରଥମ ପ୍ରତିଷ୍ଠା ଦିବସ ଶତ୍ରୁଘ୍ନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୁରାତନ ଛାତ୍ର ସଂସଦ ସମ୍ପାଦକ ବିଜୟ କୁମାର ରାଉତ, ଅବସରପ୍ରାପ୍ତ ପୁଲିସ ଅଧିକାରୀ ଲକ୍ଷୀଧର ପାଇକରାୟ, ନାଚୁଣୀ କଲେଜ ପରିଚାଳନା କମିଟିର ସଭାପତି ଅରୁଣ କୁମାର ଦାଶ, ଶିକ୍ଷାବିତ୍ କୁବେର ଚନ୍ଦ୍ର ବେହେରା ଓ ଅବସରପ୍ରାପ୍ତ ଚିଲିକା ସେନା ସଂଘର ଉପସଭାପତି ଶ୍ରୀବତ୍ସ ବେରିଗଞ୍ଜନ ପ୍ରମୁଖ ଯୋଗଦେଇ ବଡ ସ୍ୱପ୍ନ ଦେଖ, ସ୍ୱପ୍ନ ସାକାର କରିବା ଓ କଠିନ ପରିଶ୍ରମ କରିବାପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷକ ଶଶଦେବ ଦାଶ, ଜାମିନୀକାନ୍ତ ପ୍ରଧାନ ଓ ନିରୁପମା ଷଡ଼ଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## କୁହୁଡ଼ି ପ୍ରିମିୟର ଲିଗ୍; ମହାବୀର ଥଣ୍ଡର୍ ବିଜୟୀ

କୁହୁଡ଼ି, ୧୯।୧(ସମିସ): ମା'ମଙ୍ଗଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଚତୁର୍ଥ କୁହୁଡ଼ି ପ୍ରିମିୟର ଲିଗ୍ ନବମ ମ୍ୟାଚ୍ କୁହୁଡ଼ି ପଞ୍ଚାୟତ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ମହାବୀର ଥଣ୍ଡର ଓ ଜିଓ-୧୧ ମଧ୍ୟରେ ଖେଳ ହୋଇଥିଲା। ପ୍ରଥମ ବ୍ୟାଟିଂ କରି ମହାବୀର ଥଣ୍ଡର ୬ ୱିକେଟ ହରାଇ ୧୪୦ ରନ୍ କରିଥିବା ବେଳେ ଜିଓ-୧୧ ୧୦୮ ରନରେ ଅଲ ଆଉଟ୍ ହୋଇଯାଇଥିଲା। ମହାବୀର ଥଣ୍ଡର୍ ୩୨ରନ୍‌ରେ ବିଜୟୀ ହୋଇଥିଲା ଓ ୧୯ ବଲରେ ୪୭ରନ୍ କରିଥିବା କବନାଙ୍କୁ ମ୍ୟାନ୍ ଅଫ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ଜୟ ପ୍ରକାଶ ବିଶ୍ୱାଳ ଓ ପ୍ରଦୀପ ବେହେରା ମ୍ୟାଚ୍ ପରିଚାଳନା କରିଥିଲେ। ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡାୟତରାୟ, ସଂସଦ ପ୍ରତିନିଧି ହେମନ୍ତ ବେହେରା ଓ କେପିଏଲ୍ ସଭାପତି ଜୟଦେବ ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ଦୁର୍ଘଟଣାରେ ଅଟୋ ଚାଳକ ମୃତ

ନିରାକାରପୁର/ଭୂଷଣ୍ଡପୁର, ୧୯।୧(ସମିସ): ଭୂଷଣ୍ଡପୁର ଫାଣ୍ଡି ନିକଟରେ ଚଳନ୍ତା ଯାତ୍ରୀବାହୀ ଅଟୋ ରିକ୍ସା ଧକ୍କାରେ ଭାଙ୍ଗିରୁଜି ଚୂରମାର ହେଲା ଘର ଦୁଆରେ ଲାଗିଥିବା ସିମେଣ୍ଟ ଖୁଣ୍ଟ। ଫଳରେ ଅଟୋ ଚାଳକ ମୃତ ଘଟିଛି। ମୃତକ ହେଲେ ଝାଟି ନୂଆଗାଁର ବିପ୍ଳବ ହଳଦାର(୪୦)। ଶୁକ୍ରବାର ଅପରାହ୍ନରେ ଝାଟି ନୂଆଗାଁ ର ବିପ୍ଳବ ହଳଦାର ନିଜ ଅଟୋରେ କାମ ସାରି ଘରକୁ ଖାଇବା ପାଇଁ ଫେରିଥିଲେ।ଘରେ ପତ୍ନୀକୁ ଭାତ ଖାଇବା ପାଇଁ ମାଗିବା ସହ ହାତ ମୁହଁ ଧୋଇବା ପାଇଁ ବାଡ଼ି ପଟକୁ ଯାଇଥିଲେ। ହାତ ମୁହଁ ଧୋଇ ସାରି ଖାଇବା ପାଇଁ ଯାଉଥିବା ବେଳେ ହଠାତ ଏକ ଫୋନ କଲ ଆସିବାରୁ ବିପ୍ଳବ ଅଟୋ ନେଇ ଘର ଠାରୁ କିଛି ଦୂର ଯାଇଥିବା ବେଳେ ଅଟୋଟି ଜଣେ ବ୍ୟକ୍ତିଙ୍କ ଘର ଆଗରେ ଲାଗିଥିବା ସିମେଣ୍ଟ ଖୁଣ୍ଟ ସହ ଧକ୍କା ହୋଇଥିଲା। ଫଳରେ ସିମେଣ୍ଟ ଖୁଣ୍ଟ ଭାଙ୍ଗି ରୁଜି ଚୂରମାର ହୋଇ ଚାଳକ ବିପ୍ଳବଙ୍କ ଛାତି ଉପରେ ପଡ଼ି ଯାଇଥିଲା। ଏଭଳି ଦୁର୍ଘଟଣା ଦେଖି ଲୋକେ ବିପ୍ଳବଙ୍କୁ ଉଦ୍ଧାର କରି ଟାଙ୍ଗୀ ମେଡିକାଲରେ ଭର୍ତ୍ତି କରିଥିଲେ। ଏଠାରେ ଡାକ୍ତର ବିପ୍ଳବକୁ ମୃତ ଘୋଷଣା କରିଛନ୍ତି। ପୁଲିସ ସବ ଜବତ କରି ତଦନ୍ତ କରୁଛି।

## ବିଚିତ୍ରାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ:ଚୌଦ୍ୱାର ବିଜୟୀ

ଖୋର୍ଦ୍ଧା, ୧୯।୧(ସମିସ): ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଅନ୍ତର୍ଗତ କାଇପଦର ଠାରେ ଦ୍ୱିତୀୟ ବିଚିତ୍ରାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଥିଲା ଷଷ୍ଠ ମ୍ୟାଚ୍। ମଞ୍ଚେଶ୍ୱର ଓ ଚୌଦ୍ୱାର ମଧ୍ୟରେ ମ୍ୟାଚ୍ ହୋଇଥିଲା। ପ୍ରଥମେ ଚୌଦ୍ୱାର ଦଳ ବ୍ୟାଟିଂ କରି ୨୦ ଓଭର ଖେଳି ୭ ୱିକେଟ୍ ବିନିମୟରେ ୧୯୫ ରନ୍ କରିଥିଲା। ଜବାବରେ ମଞ୍ଚେଶ୍ୱର ୨୦ ଓଭର ଖେଳି ୧୯୦/୯ ରନ୍ କରିଥିଲା। ଚୌଦ୍ୱାର ଦଳର ଲିପନ ବିଶ୍ୱାଳ ୩୪ ବଲରୁ ୫୨ ରନ ଓ ୪ ଓଭର ବୋଲିଂ କରି ୪୫/୩ ୱିକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଖେଳକୁ ସୁରେନ୍ଦ୍ର ଚମ୍ପତିରାୟ ଓ ଝଜକିଶୋର ସାମନ୍ତରାୟ ପରିଚାଳନା କରିଥିବା ବେଳେ ସ୍କୋରର ଟିଟନ ରାଉତରାୟ, ସୁରଜ୍ ପାଇକରାୟ ସହଯୋଗ କରିଥିଲେ। ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ର ପୂର୍ବତନ ସବ୍ କଲେକ୍ଟର ଦେବରାଜ ସେନାପତି, ଶୁଭ୍ରାଂଶୁ ଚମ୍ପତିରାୟ, ଶ୍ୟାମସୁନ୍ଦର ଶ୍ରୀଚନ୍ଦନ ଉପସ୍ଥିତ ଥିଲେ।

## ମା ଗଡ୍ଡେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ମା ରାମଚଣ୍ଡୀ କ୍ଲବ୍ ଫାଇନାଲରେ

ବେଗୁନିଆ, ୧୯।୧(ସମିସ): ସିମୋର ଗ୍ରାମର ମା'ଗଡ୍ଡେଇ ଟୁର୍ଣ୍ଣାମେଣ୍ଟ ମୃତ୍ୟୁଞ୍ଜୟ ଜେନାଙ୍କ ଆବାହକତ୍ୱରେ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ଟାଙ୍ଗିଆପଡ଼ା ମହାବୀର କ୍ରିକେଟ କ୍ଲବ ଓ ଚକାପଦା ମା ରାମଚଣ୍ଡୀ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟାଙ୍ଗିଆପଡ଼ା ମହାବୀର କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ହରାଇ ୧୨୭ ରନ ସଂଗ୍ରହ କରିଥିବା ବେଳେ ଚକାପଦା ମା'ରାମଚଣ୍ଡୀ କ୍ରିକେଟ କ୍ଲବ ନିର୍ଦ୍ଧାରିତ ଓଭରରେ ୧୨୮ ରନ ସଂଗ୍ରହ କରି ବିଜୟ ଲାଭ କରି ଫାଇନାଲକୁ ଉନ୍ନୀତ ହୋଇଛି। ଖେଳକୁ ଅମ୍ପାୟାର ନରେଶ କୁମାର ଜେନା ଓ ଚିନ୍ମୟ ଜେନା ପରିଚାଳନା କରିଥିବା ବେଳେ ଦେବାଶିଷ ଜେନା ଓ ପବିତ୍ର ମହାନ୍ତି ସ୍କୋରରେ ସହାୟତା କରିଥିଲେ। ପ୍ରକାଶ ମାର୍ଥା ଓ ରୁଦ୍ର ମହାପାତ୍ର ଭାଷ୍ୟକାର ଭାବେ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।

## କଫ୍‌ସିରପ୍ ଜବତ; ଜଣେ ଗିରଫ

ଖୋର୍ଦ୍ଧା, ୧୯।୧(ସମିସ): ଆଦର୍ଶ ଥାନା ପୁଲିସ ଗୁରୁବାର ରାତିରେ ବିଡିଏ କଲୋନୀରେ ଚଢଉ କରି ବେଆଇନ କଫସିରପ୍ ବିକୁଥିବା ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ଜଣକ ହେଲେ ନୂଆ ମେଡିକାଲ ରୋଡ ର ପ୍ରକାଶନାୟକ ଓରଫ ମନୁ(୪୨)। ସୂଚନା ଅନୁସାରେ, ବିଡିଏ କଲୋନୀରେ ପ୍ରକାଶ କଫସିରଫ ବେପାର କରୁଥିବା ବିଶେଷ ସୁତ୍ରରୁ ଖବର ପାଇଥିଲା ପୁଲିସ। ତାଙ୍କୁ ଧରିବା ଲାଗି ଥାନାଅଧିକାରୀ ସଞ୍ଜୟ ନାୟକଙ୍କ ନେତୃତ୍ୱରେ ଏସଆଇ ବିନାୟକ ମନ୍ତ୍ରୀ ଓ ଏକ ଟିମ୍ ପହଁଞ୍ଚିଠିଚ ପ୍ରକାଶକୁ ଧରିବା ସହ ତା ଠାରୁ ୧୭୫ ବୋତଲ କଫସିରପ୍ ଜବତ କରିଥିଲେ। ୪୦/୨୪ରେ ମାମଲା ରୁଜୁ କରି ପୁଲିସ ପ୍ରକାଶ କୁ କୋର୍ଟଚାଲାଣ କରିଛି।

## ରେଳଧାରଣାରୁ ମୃତଦେହ ଉଦ୍ଧାର

ବାଲୁଗାଁ, ୧୯।୧(ସମିସ) : ବାଲୁଗାଁ ରେଳ ଧାରଣାରୁ ଜଣେ ଯୁବକଙ୍କ ମୃତ ଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ତାମିଲନାଡୁ ପ୍ରଦେଶର ଆନେଶ ବିଶ୍ୱାସ୍ୱାମୀ( ୩୮ )। ବାଲୁଗାଁ ରେଳ ଷ୍ଟେସନର ୩ନଂ ପ୍ଲାଟଫର୍ମ ରେଳଧାରଣାରେ ଭୋର ସମୟରେ ଜଣେ ବ୍ୟକ୍ତିଙ୍କ ମୃତ ଶରୀର ପଡ଼ିଥିଠିବା କିଛି ଯାତ୍ରୀ ଦେଖିବାକୁ ପାଇ ରେଳବାଇ ପୁଲିସକୁ ଜଣାଇ ଥିଲେ। ରେଳବାଇ ପୁଲିସ୍ ପହଞ୍ଚି ଶବକୁ ଉଦ୍ଧାର କରି ଘଟଣାର ସରଜମିନ ତଦନ୍ତ କରିଥିଲେ। ତେବେ ମୃତ ବ୍ୟକ୍ତି ଜଣକ ଏକ ଟ୍ରଲର ଟ୍ରକ୍‌ର ହେଲପର ଭାବେ କାର୍ଯ୍ୟ କରୁଥିବା ଜଣାଯାଇଛି। ଦୁର୍ଘଟଣା ଖବର ପାଇ ଉକ୍ତ ଟ୍ରକ୍‌ର ଡ୍ରାଇଭର ଆସି ଶବକୁ ଚିହ୍ନଟ କରିଥିଲେ। କୌଣସି ଟ୍ରେନ୍ ଧକ୍‌କା ଖାଇ କିମ୍ବା ଯୁବକ ଜଣକ ଆତ୍ମହତ୍ୟା କରିଥିବା ସେ ନେଇ କୌଣସି ସ୍ୱଷ୍ଟ ସୂଚନା ମିଳି ପାରିନାହିଁ। ରେଳବାଇ ପୁଲିସ୍ କେଶ ନଂ ୪/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଅବ୍ୟାହତ ରଖିଥିବା ସୁଚନା ମିଳିଛି।

## ମାଛ ବଜାରରେ ଅଗ୍ନିକାଣ୍ଡ

ବାଲୁଗାଁ, ୧୯।୧(ସମିସ): ବାଲୁଗାଁ ଥାନା ଅନ୍ତର୍ଗତ ଚିଲିକାକୂଳ ମାଛ ବଜାର ସ୍ଥିତ ଦୁଇଟି ଦୋକାନ ଘରେ ଅଗ୍ନିକାଣ୍ଡ ଘଟି ବହୁ ସାମଗ୍ରୀ ପୋଡି ପାଉଁଶ ହୋଇ ବହୁ କ୍ଷୟକ୍ଷତି ଘଟିଛି। ସୂଚନା ମୁତାବକ ବାଲୁଗାଁ ଚିଲିକା କୂଳମାଛ ବଜାରସ୍ଥିତ ଗୋପାଳ ରାୟଙ୍କ ଗୋଦାମ ଘର ଓ ଦାମୋଦର ପାତ୍ରଙ୍କ ଦୋକାନ ଘରେ କୌଣସି କାରଣ ବଶତଃ ନିଆଁ ଲାଗି ଯାଇଥିଲା। ଗୋଟିଏ ଘରେ ନିଆଁ ଲାଗି ଅନ୍ୟ ଏକ ଘରକୁ ନିଆଁ ବ୍ୟାପି ଯାଇ ପ୍ରବଳ ଧୂଆଁ ବାହାରିଥିବାର ସ୍ଥାନୀୟ ଲୋକେ ଦେଖି ଗୋପାଳ ଓ ଦାମୋଦରଙ୍କୁ ଜଣାଇବା ସହ ବାଲୁଗାଁ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଖବର ପାଇ ବାଲୁଗାଁ ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଆୟତ କରିଥିଲେ। ହେଲେ ସେତେ ବେଳକୁ ଦୁଇଟି ଘରର ବହୁ ସାମଗ୍ରୀ ସହ ଓଜନ ମାପ ମେସିନ ପୋଡି ପାଉଁସ ହୋଇ ଯାଇଥିବା ବେଳେ ଗୋଟିଏ ଦୋକାନ ଘରର ଆଜବେଷ୍ଟସ ଭାଙ୍ଗି ଯାଇଥିଲା। ତେବେ ପ୍ରଥମିକ ତଦନ୍ତରୁ ଦଷପରୁ ନିଆଁ ଲାଗି ଅଗ୍ନିକାଣ୍ଡ ଘଟିଥିବା ଜଣା ପଡ଼ିଥିବା ବେଳେ କ୍ଷୟକ୍ଷତିର ଅନୁମାନିକ ମୂଲ୍ୟ ପ୍ରାୟ ୩୧ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଆଜି ଚିଲିକାରେ ଡଲଫିନ୍ ଗଣନା

# ସାମିଲ ହେବେ ଶହେରୁ ଉର୍ଦ୍ଧ୍ୱ ପ୍ରଶିକ୍ଷଣକାରୀ

ଖୋର୍ଦ୍ଧା/ବାଲୁଗାଁ, ୧୯।୧(ସମିସ)





ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡ଼ିଏ)ଙ୍କ ମିଳିତ ଆନୁକୂଲ୍ୟରେ ଶନିବାର ସମଗ୍ର ଚିଲିକାରେ ଇରାୱାଡ଼ି ପ୍ରଜାତିର ଡ଼ଲଫିନ ଗଣନା ହେଉଛି। ଏଥିପାଇଁ ବିଭାଗୀୟ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବାଲୁଗାଁ ଚନ୍ଦ୍ରାପୁଟ ସ୍ଥିତ ଚିଲିକା ସିଡିଏ କାର୍ଯ୍ୟାଳୟରେ ୧୦ଟି ଟିମ୍ ଏବଂ

**● ଗଣନା ସମୟରେ ଯାତ୍ରୀବାହୀ ଡଙ୍ଗା ଚଳାଚଳ ବନ୍ଦ**

ସାତପଡ଼ା ବନ୍ୟପ୍ରାଣୀ ବିଭାଗ କାର୍ଯ୍ୟାଳୟ ପରିସରରେ ୮ଟି ଟିମ୍‌କୁ ଉକ୍ତ ଦୁଇଟି ସ୍ଥାନରେ ମୋଟ ୧୮ଟି ଗଣନାକାରୀ ଟିମ୍‌ଙ୍କୁ ନେଇ ପୃଥକ ଭାବେ ଦୁଇଟି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସିଡିଏ କାର୍ଯ୍ୟାଳୟରେ ଚିଲିକା ବନ୍ୟପ୍ରାଣୀ ବିଭାଗୀୟ ଡିଏଫଓ ଅମ୍ଲାନ କୁମାର ନାୟକ ଉକ୍ତ ଶିବିରକୁ ପରିଚାଳନା କରିଥିବା ବେଳେ ଆର୍‌ସିସିଏଫ ସଞ୍ଜିତ କୁମାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ସିଡ଼ିଏର ସିନିୟର ସାଇଣ୍ଟିଷ୍ଟ ଗୁରୁଦୀପ ରସ୍ତୋଗୀ ଓ ପ୍ରଦୀପ୍ତ ରଞ୍ଜନ ମୁଦୁଲୀ ପ୍ରମୁଖ ଯୋଗ ଦେଇ ଚିଲିକାରେ ନିର୍ଭୁଲ ଡ଼ଲଫିନ୍ ଗଣନା ଦିଗରେ ସବିଶେଷ ତାଲିମ ପ୍ରଦାନ କରିଥିଲେ। ସେହିପରି ସାତପଡ଼ାରେ ସିଡ଼ିଏର ସାଇଣ୍ଟିଷ୍ଟ ଆର ଏନ ସାମଲ ଗଣନାକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ୧୯୧୫ମସିହାରେ ଚିଲିକାରେ ପ୍ରଥମ କରି ଇରାୱାଡ଼ି ପ୍ରଜାତିର ଡ଼ଲଫିନ୍‌କୁ ଚିହ୍ନଟ କରାଯାଇଥିଲା। ଉକ୍ତ ସମୟରୁ ଅଦ୍ୟାବଧି ଚିଲିକାରେ ଡ଼ଲଫିନ୍ ୧୬୦ରୁ ଉର୍ଦ୍ଧ୍ୱ ଦୃଷ୍ଟିଗୋଚର ହୋଇଥିବା ବିଗତ ବର୍ଷରେ ଗଣନାରୁ ଜଣାପଡ଼ିଛି। ଏହି ଗଣନା ଲାଇନ ଟ୍ରାଞ୍ଜାକ୍ଟ ପ୍ରଣାଳୀ ଅର୍ଥାତ୍ ଚିଲିକାର ଯେଉଁ ଅଞ୍ଚଳରେ ଡ଼ଲ୍‌ଫିନ୍ ଦୃଷ୍ଟିଗୋଚର ହୋଇଥାନ୍ତି, ସେଠାରେ ଗଣନାକାରୀଙ୍କ ଡ଼ଙ୍ଗା ଏକ ସରଳରେଖା ଦେଇ ଗତି କରିବ ଏବଂ ଏହି ସମୟରେ ଉଭୟ ପାର୍ଶ୍ୱରେ ଯେତିକି ସଂଖ୍ୟକ ଡ଼ଲଫିନ୍ ଦୃଷ୍ଟିଗୋଚର ହେବେ ତାହାକୁ ବାଇନାକୁଲାର ଓ ଜିପିଏସ ମାଧ୍ୟମରେ ସଂଖ୍ୟା ନିର୍ଦ୍ଧାରଣ କରାଯାଇଥାଏ। ଗଣନା ପାଇଁ ସମଗ୍ର ଚିଲିକାକୁ ୪ଟି ସେକ୍ଟରରେ ବିଭକ୍ତ କରାଯାଇ ତଥା ମଧ୍ୟ ଚିଲିକାରେ ୬ଟି ଟିମ୍, ଉତ୍ତର ୧ଟି ଟିମ୍, ଦକ୍ଷିଣ ୪ଟି ଟିମ୍ ଏବଂ ବାହ୍ୟ ଚିଲିକା ଅଞ୍ଚଳ ୭ଟି ଟିମ୍ ସାମିଲ ହୋଇଥିବା ବେଳେ ପ୍ରତ୍ୟେକ ଗଣନାକାରୀ ଟିମ୍‌ରେ ବିଶେଷଜ୍ଞଙ୍କ ସମେତ ୫ ଜଣ ସଦସ୍ୟ ସାମିଲ ହୋଇଛନ୍ତି। ଶନିବାର ଭୋର ୬ଟାରୁ ମଧ୍ୟାହ୍ନ ୧୨ଘଟିକା ପର୍ଯ୍ୟନ୍ତ ଗଣନା ଜାରି ରହିବ। ଡ଼ଲଫିନ୍ ଅଭୟାରଣ୍ୟ କୁହାଯାଉଥିବା ସାତପଡ଼ା ଅଞ୍ଚଳ ତଥା ଜହ୍ନିକୁଦା, ଗୁରୁବାଇ, ମହିସା, ବଡ଼ଗୋଠ, ସିପକୁଦା ଚିଲିକାରେ ୮ଟି ଟିମ୍ ଏବଂ ବାଲୁଗାଁ ଠାରୁ କାଳିଜାଇ, କୃଷ୍ଣପ୍ରସାଦ, ପାରିକୂଦ, ନଳବଣ, ବାଲିନାସି, ଦେଇପୁରୁ, ବରୁଣପଡ଼ା ଏବଂ ରମ୍ଭା ଆଦି ଅଞ୍ଚଳରେ ୧୦ଟି ଟିମ୍ ନିୟୋଜିତ ରହି ଗଣନା କରିବେ। ମୋଟ ୧ଶହରୁ ଉର୍ଦ୍ଧ୍ୱ ଜଣ ଏହି ଗଣନା କାର୍ଯ୍ୟରେ ସାମିଲ ହେବେ। ପ୍ରତ୍ୟେକ ଟିମ୍‌କୁ ଗୋଟିଏ ଲେଖାଏଁ ଡ଼ଙ୍ଗା ଏବଂ ଆବଶ୍ୟକୀୟ ଯନ୍ତ୍ରାଂଶ ଯୋଗାଇ ଦିଆଯାଇଛି। ଗତ ବର୍ଷ ୧୬୪ଟି ଡ଼ଲଫିନ୍ ଚିହ୍ନଟ ହୋଇଥିଲେ। ବର୍ତ୍ତମାନ ଦୁଇ ଦିନ ହେବ କୋହଲା ପାଗ ରହି ଥିବାରୁ ଯଦି ଶନିବାର ପାଗ ଅନୁକୂଳ ନରହେ ତେବେ ଚଳିତ ମାସ ୨୧, ୨୨ ଓ ୨୩ ତାରିଖ ତିନି ଦିନ ଧରି ବିଭାଗୀୟ କର୍ମଚାରୀ ମାନଙ୍କ ଦ୍ୱାରା ଡଲଫିନ ଗଣନା କାର୍ଯ୍ୟ ଜାରି ରହିବ ବୋଲି ଚିଲିକା ଡିଏଫଓ ଅମ୍ଳାନ କୁମାର ନାୟକ କହିଛନ୍ତି।

## ଏସ୍‌ଟି-ଏସ୍‌ସିଙ୍କୁ ନ୍ୟାୟ ଦାବିରେ ବିକ୍ଷୋଭ



ଖୋର୍ଦ୍ଧା, ୧୯।୧(ସମିସ): ରାଜ୍ୟ ଓ କେନ୍ଦ୍ର ସରକାର ଅନୁସୂଚିତ ଜାତି ଓ ଜନଜାତି ଙ୍କ ପାଇଁ ବିଭିନ୍ନ ଯୋଜନା ଓ ଆଇନ ପ୍ରଣୟନ କରୁଥିଲେ ମଧ ପ୍ରକୃତ ଯୋଜନା ଓ ଆଇନି ଅନୁସାରେ ପ୍ରକୃତ ନ୍ୟାୟ ପାଇପାରୁନଥିବା ରୁ ଏହି ଜାତି ସବୁବେଳେ ଅବହେଳିତ ଓ ପୀଡିତ ହେଉଛନ୍ତି। ଯାହାକୁ ନେଇ ଶୁକ୍ରବାର ନ୍ୟାସନାଲ କନଫେଡରେସନ ଓ ଦଳିତ ଆଦିବାସୀ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଇଛି। ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଓ ଖୋର୍ଦ୍ଧା ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଅନୁସୂଚିତ ଜାତି ଓ ଜନଜାତିଙ୍କ ପ୍ରତି ବୈମାତୃକ ମନୋଭାବ ଏବଂ ଜନଜାତି ନିର୍ଯ୍ୟାତନା ନିବାରଣ ଆଇନର ଖୁଲମଖୁଲା ଉଲ୍ଲଂଘନ କରୁଥିବାରୁ ଆଜି ୬ ଦଫା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିଯୋଗକାରୀ ଗଣଧାରଣା ଦେଇଥିଲେ।

ଜିଲ୍ଲା ପ୍ରଶାସନ ଜନଜାତିଙ୍କ ନିବାରଣ ଆଇନ କୁ ସଠିକ ଭାବେ ପାଳନ କରୁନଥିବା ବେଳେ ନନ୍ଦନକାନନ ଥାନାର କେଶ ନମ୍ବର ୪୬/୨୦୨୩ ର ବଳତ୍କାର ଓ ହତ୍ୟା ଘଟଣାର ପୀଡିତ ପରିବାର ବର୍ଗକୁ ସହାୟତା ନିୟମ ୪୬(ଗ)ଆଧାରରେ କୌଣସି କ୍ଷତିପୁରଣ ବ୍ୟବସ୍ଥା ହୋଇନାହିଁ। ତାହାକୁ ତୁରନ୍ତ ପ୍ରଦାନ କରିବା, ଉକ୍ତ ପରିବାର ବର୍ଗକୁ ୩ ମାସର ଆବଶ୍ୟକୀୟ ସାମଗ୍ରୀ ପ୍ରଦାନ, ବର୍ତ୍ତମାନର ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସ୍ଥାନରେ ନୂତନ କର୍ତ୍ତବ୍ୟ ନିଷ୍ଠ ଅଧିକାରୀ ନିଯୁକ୍ତି କରିବା, ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ ଅନୁସୂଚିତ ଜାତି ଓ ଜନଜାତିର ୧୦୦ରୁ ଉର୍ଦ୍ଧ୍ୱ ପିଡିତା ପରିବାରଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ପ୍ରଭୃତି ସେମାନେ ଦାବି କରିଛନ୍ତି। ପରେ ଏହି ମର୍ମରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜାତୀୟ ଦଳିତ ଆଦିବାସୀ ମହାସଂଘ ନୂଆଦିଲ୍ଲୀ ଓଡ଼ିଶା ସଂଗଠନର ଖୋର୍ଦ୍ଧା ଜିଲ୍ଲା ସଭାପତି ଅଶୋକ କୁମାର ଭୋଇଙ୍କ ନେତୃତ୍ୱରେ ରାଜ୍ୟ ସଭାପତି ଲିଟୁ ଦାସ, ବହୁଜନ ଯୁବ ଓ ଛାତ୍ର ସାମୁଖ୍ୟର ରାଜ୍ୟ ସଂଯୋଜକ ଅନୀଲ କୁମାର ମଲ୍ଲିକ, ଆମ୍ବେଦକର ସମାଜସେବୀ ମହାସଂଘ ରାଜ୍ୟ ସମ୍ପାଦକ ବିରେନ୍ଦ୍ର ନାୟକ, ଜଗନ୍ନାଥ ଭୋଇ, ମହିଳା ସଭାପତି କବିତା ଭୋଇ, ସମ୍ପାଦିକା ଟିକିନା ପରିଡ଼ା, ଯୁବ ନେତା କେଶବ ବେହେରା, ବିଜୟ କୁମାର ଭୋଇ, ସୁକାନ୍ତ ମଲ୍ଲିକ, ବିଶ୍ୱଜିତ ସେଠି ପ୍ରମୁଖ ସାମିଲ ହୋଇଥିଲେ।

## 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ



ନିରାକାରପୁର, ୧୯।୧(ସମିସ): କମାଗୁରୁ ରାମଚନ୍ଦ୍ର କଳ୍ପନା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଏହି ଉତ୍ସବରେ ଅତିଥିଭାବେ ଅଧକ୍ଷ ସୁଧାଂଶୁ ଶେଖର ମହାନ୍ତି, ଡ. ରେଣୁବାଳା ସାମନ୍ତରାୟ, ଅଧାପକ ସତ୍ୟନାରାୟଣ ମହାପାତ୍ର, ଅଧାପିକା ସସ୍ମିତା ସାହୁ ଓ ଅଧାପକ ଅଭିରାମ ପଣ୍ଡା ଭାବରେ ଯୋଗଦେଇ ବକ୍ତବ୍ୟ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟକୁ ନେଇ ଜ୍ଞାନ ଆହରଣ ଓ ଲୁକ୍କାୟିତ ପ୍ରତିଭାର ଉନ୍ନତି ଦିଗରେ ଗୁରୁତ୍ୱାରୋପ କରିଥିଲେ। ଅନୁଷ୍ଠାନର ଅଧକ୍ଷ ସୁଧାଂଶୁ ଶେଖର ମହାନ୍ତିଙ୍କ ସଭାପତିତ୍ୱରେ ଆହୁତ ଏହି ସଭାରେ ସେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ ଆମ ଭାଷା, ସାହିତ୍ୟ ଓ ସଂସ୍କୃତିର ଗୁରୁତ୍ୱ ଉପରେ ଦିଗଦର୍ଶନ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବ୍ୟାକରଣ ଦକ୍ଷତା, କବିତା ଆବୃତି, ବକ୍ତୃତା, ଭଜନ ଗାନ, ସଙ୍ଗୀତ ଓ ଶବ୍ଦଧନ୍ଦା ଆଦି ଭାଷା ଓ ଐତିହ୍ୟ ଭିତିକ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧାପକ ଚିତ ରଞ୍ଜନ ସାହୁ, ଅଧାପକ ରତ୍ନାକର ମହାପାତ୍ର, ଅଧାପକ ଦିଲ୍ଲୀପ ବେହେରା, ଅଧାପକ ମନମୋହନ ନାୟକ, ଅଧାପକ ବିଶ୍ୱଜିତ୍ ପଟ୍ଟନାୟକ, ଅଭିରାମ ମିଶ୍ର, ଆଲୋକ ମଙ୍ଗରାଜ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିବାବେଳେ ସର୍ବଶେଷରେ ଅଧାପିକା ସସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**● ଅତ୍ରି ମକର ମହୋତ୍ସବ ପଞ୍ଚମ ସନ୍ଧ୍ୟା**

## ଇତିହାସକୁ ମନେ ପକାଇଥାଏ ମହୋତ୍ସବ



ବେଗୁନିଆ, ୧୯ ।୧(ସମିସ): ବେଗୁନିଆ ବ୍ଲକ ବାଘମାରିସ୍ଥିତ ବାବା ହଟ୍ଟକେଶ୍ୱର ଦେବଙ୍କ ପୀଠରେ ମକର ସଂକ୍ରାନ୍ତି ଉପଲକ୍ଷେ ଅତ୍ରି ମକର ମହୋତ୍ସବ ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ପର୍ଯ୍ୟଟନ ବିଭାଗ ପକ୍ଷରୁ ଅତ୍ରି ଉଷ୍ଣପ୍ରସ୍ରବଣ ପରିସରରେ ପଞ୍ଚମଦିନ ମକର ମହୋତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ବିଧାୟକ ତଥା ଯୋଜନା ବୋର୍ଡ ଅଧକ୍ଷ ରାଜେନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ମୁଖ୍ୟ ଅତିଥି ଓ ସଇଦ ଇଞ୍ଜାମାମୁଲୁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ଇତିହାସକୁ ମନେ ପକାଇଥାଏ ମହୋତ୍ସବ ବୋଲି ଅତିଥି ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ବେଗୁନିଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀ କଣ୍ଠଶିଳ୍ପୀ ପ୍ରଫୁଲ୍ଲ ଦେଉରିଙ୍କ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପରେ ଭୁବନେଶ୍ୱର ଶିଳ୍ପିକା ମଡର୍ଣ୍ଣ ଡ୍ୟାନ୍ସ, ବରଗଡ଼ ଢୋଲ ମହୁରୀ ଓ ଖୋର୍ଦ୍ଧା ଡିଭାଇଡ ଡ୍ୟାନ୍‌ସ ଗୃପ୍ ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଜେଡ଼ି ଦଳ ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର ମହୋତ୍ସବ ପରିଚାଳନା କରିଥିଲେ।

## ରଘୁନାଥ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଜଟଣୀ, ୧୯।୧(ସମିସ): ଜଟଣୀ ରଘୁନାଥ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥିଭାବେ ବିଧାୟକ ସୁରେଶ କୁମାର ରାଉତରାୟ, ମୁଖ୍ୟ ବକ୍ତାଭାବେ କବି ଭିକାରୀ ଧଳ, ସମ୍ମାନିତ ଅତିଥିଭାବେ ପ୍ରତାପ ସାମନ୍ତରାୟ, ଦେବରାଜ ବେହେରା, ମନୋଜ ବେହେରା, ଅକ୍ଷୟ କୁମାର ପାଲଟାସିଂହ ପ୍ରମୁଖ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟ, ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ହରିଶ୍ଚନ୍ଦ୍ର ମହାନ୍ତି, ସମାଜସେବୀ ଅକ୍ଷୟ ଦାସ, ଭୀମସେନ ଭୁଜବଳ, କୃଷ୍ଣଚନ୍ଦ୍ର ମତଗଜସିଂହ, ଯୋଗେନ୍ଦ୍ର ଭୁଜବଳ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ କିଶୋର କୁମାର ସୁବୁଦ୍ଧି, ନରେନ୍ଦ୍ର ମୁଦୁଲି, ସାବିତ୍ରୀ ମିଶ୍ର, ବିପିନ ଦାସ, ଚିତ ରଞ୍ଜନ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ଗଣେଶ ବେହେରା ଧନ୍ୟବାଦ ଦେଇଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ

ଜଟଣୀ, ୧୯।୧(ସମିସ): ସୁଶୀଳା ଦେବି ପ୍ରଗତି ବିଦ୍ୟାପୀଠରେ ବାର୍ଷିକ ଉତ୍ସବ ସହିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସଭାପତି ଶ୍ୟାମ ସୁନ୍ଦର ଦାଶଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଧାୟକ ସୁରେଶ ରାଉତରାୟ, ମୁଖ୍ୟବକ୍ତା କ୍ଷେତ୍ରବାସୀ ସାହୁ, ସମ୍ମାନିତ ଅତିଥିଭାବେ ନଗରପାଳ ଅନନ୍ତ ବେହେରା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜଟଣୀ ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟ, କମଳ ମହାନ୍ତି, ନଗର କମିଟି ସଭାପତି ଅଶୋକ ମଙ୍ଗରାଜ, ପ୍ରାକ୍ତନ କାଉନସିଲର ନୌସର ଅଲିଙ୍କ



ସମେତ କାଉନସିଲର କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ। ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଦୀପ୍ତିବାଳା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଶିକ୍ଷୟିତ୍ରୀ ନିବେଦିତା ସାସମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାକ୍ତନ ଶିକ୍ଷକ ଅମ୍ବିକା ପ୍ରସାଦ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଶତକଡା ୯୫% ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାର୍ଥୀଙ୍କୁ ଇଲୋକ୍ଟ୍ରୋନିକ ସ୍କୁଟି ଉପହାର ଦିଆଯିବ ବୋଲି ସଭାପତି ଘୋଷଣା କରିଥିଲେ। ନଗରପାଳ ଅନନ୍ତ ବେହେରା ସ୍କୁଲର ସାଇକଲ ଷ୍ଟାଣ୍ଡ ଗୃହ ଚଳିତ ବର୍ଷ ମଧ୍ୟରେ ଶେଷ କରିବା ପାଇଁ ଘୋଷଣା କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାର ବିଭିନ ବିଭାଗରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଙ୍କ ମଧ୍ୟରେ ଗୋବିନ୍ଦ ବେହେରା ଚାମ୍ପିଅନ ଓ ଛାତ୍ରୀଙ୍କ ମଧ୍ୟରେ ନିଶା କୁମାରୀ ଜଗଦେବ, ଲିଟରରୀ ଚାମ୍ପିଅନ ଭାବେ ସୋମନାଥ କୁଣ୍ଡୁ ଓ ବେଷ୍ଟ ଷ୍ଟୁଡେଣ୍ଟ ସୁନୀଲ ମହାପାତ୍ରଙ୍କୁ ପୁରସ୍କାର ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ କମିଟି ସଭାପତି ଶିକ୍ଷକ ଅଜୟ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟାଳୟସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳ ଉତ୍ସବ

ବାଣପୁର, ୧୯।୧(ସମିସ)



ଛାତ୍ରଛାତ୍ରୀଙ୍କ ଅର୍ନ୍ତନିହିତ ଗୁଣର ବିକାଶ ଲାଗି ବିଭିନ୍ନ ପ୍ରତିଯୋଗିତା ଏବଂ ସୃଜନ ଶୀଳତାକୁ ପ୍ରୋତ୍ସାହନ ଦେଇ ସେମାନଙ୍କ ମଧ୍ୟରେ ଯୋଗାଯୋଗ ଦଳଗତ କାର୍ଯ୍ୟ ଏବଂ ଉପସ୍ଥାପନା ଭଳି ଅତ୍ୟାବଶ୍ୟକ କୌଶଳକୁ ବିକଶିତ କରିବା ଅପରିହାର୍ଯ୍ୟ। ଏହିକ୍ରମରେ ରାଜ୍ୟ ସରକାରଙ୍କ ପ୍ରାୟୋଜିତ ବିଦ୍ୟାଳୟସ୍ତରୀୟ ଭାଷା ସାହିତ୍ୟ ଏବଂ ସୃଜନ ଶୀଳତାର ଉତ୍ସବ କାର୍ଯ୍ୟକ୍ରମ ସ୍ଥାନୀୟ ନରେନ୍ଦ୍ରପୁର ଜି. ପି ଉପେନ୍ଦ୍ର ବିଦ୍ୟାପୀଠ ପରିସରରେ ପ୍ରଧାନଶିକ୍ଷକ ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସମିର ସେଠୀ, ଗ୍ରାମୀଣ ମହିଳା ମହାବିଦ୍ୟାଳୟ ଅଧାପକ ମନୋଜ ମହାପାତ୍ର ଅତିଥି ଭାବରେ ଯୋଗ ଦେଇ ଥିଲେ। ଓଡ଼ିଶା ରାଜ୍ୟ ଓସ୍ତାର କାର୍ଯ୍ୟକାରୀ ସଦସ୍ୟ ଶିକ୍ଷକ ଶିଶିର ଦାସ, ଭବାନୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମମତା ମହାପାତ୍ର, ଏସଏମଡିସି ସଭାପତି ସଞ୍ଜୟ ବରାଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ଙ୍କ ଦ୍ୱାରା ଅନୁଷ୍ଠିତ ସାହିତ୍ୟ ସୃଜନୀ ମାଧ୍ୟମରେ ତର୍କ, କବିତା, ଆବୃତି ସହ ମୋ ଗାଁ ମୋ ମାଟି ପୁସ୍ତକ ପ୍ରଦର୍ଶିତ ହୋଇ ଥିବା ସହିତ କ୍ରିଡାଙ୍ଗନା, କୌଶଳୀ, ଜିଜ୍ଞାଶା ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଗଠିତ କ୍ଲବ ଦ୍ୱାରା କମ୍ପ୍ୟୁଟର ଜ୍ଞାନ, କ୍ରିଡା, ଇତିହାସ, ଭୂଗୋଳ ସମ୍ବନ୍ଧିୟ ପ୍ରକଳ୍ପ ଆଦି ପ୍ରସ୍ତୁତ କରାଯାଇଥିଲା। କାର୍ଯ୍ୟକ୍ରମରେ ଦଶମ ଶ୍ରେଣୀର ସୁଭଶ୍ରୀ ବାରିକ, ପ୍ରିୟଦର୍ଶୀ ଦଳାଇ, ଶାର୍ଥକ ସୁଭଙ୍କର, କୁନି ବାରିକ ଓ ନବମ ଶ୍ରେଣୀର ଆୟୁଷ୍ମାନ ବେହେରା, ପୁନମ ପ୍ରିୟଦର୍ଶୀନି, ଶୁଶ୍ରୁଲ ଜେନା ପ୍ରମୁଖ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସମର କେଶରୀ ଜେନା ଧନ୍ୟବାଦ ଅର୍ପଣ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ଟାଙ୍ଗୀ:** ଟାଙ୍ଗୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଶୁକ୍ରବାର ଦିନ ସାହିତ୍ୟ ସୃଜନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ପ୍ରାକ୍ତନ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧକ୍ଷତା ରେ ପ୍ରଧାନଶିକ୍ଷକ ସୁରେଶ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପବିତ୍ର ମହାରଣା, ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ପ୍ରଭାସିନୀ ଦେଇ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷୟିତ୍ରୀ ଭାନୁମତି ଦେଈ, ଶିକ୍ଷକ କାଶୀନାଥ ଘଡେଇ, ଶିକ୍ଷୟିତ୍ରୀ ପ୍ରଜ୍ଞାସ୍ମିତା ମିଶ୍ର, କବିତା ବେହେରା, ଜୟଶ୍ରୀ ବେହେରା ପ୍ରମୁଖ ମଞ୍ଚାସିନ ହୋଇ ଶିକ୍ଷା ସମେତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଅନ୍ତଃନିର୍ହିତ ସୃଜନୀ ଶକ୍ତିର ବିକାଶ ନିମିତ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିବା ଦୃଷ୍ଟିରୁ ଛାତ୍ରଛାତ୍ରୀ ଏହାର ସୁଯୋଗ ନେଇ ଭବିଷ୍ୟତରେ ସାବଲମ୍ବୀ ହେବା ସହ ଦେଶର ସୁନାମ ରଖିପାରିବେ ବୋଲି ଆଲୋକପାତ କରିଥିଲେ। ଶୁକ୍ରବାର ଅତିଥି ଓ ପରିଚାଳନା କମିଟି ସଭ୍ୟସଭ୍ୟାଙ୍କ ଗହଣରେ ଛାତ୍ରୀମାନେ ଏହି ସବୁ ବିଷୟରେ ସେମାନଙ୍କ ଅନୁଭୂତି ଓ ଅଭିଜ୍ଞତାକୁ ଲେଖା ଓ ଚିତ୍ର ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଏହା ଅତ୍ୟନ୍ତ ଉଚ୍ଚକୋଟୀର ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ଅତିଥିମାନେ ଏହି ସବୁ ପ୍ରକଳ୍ପ ଗୁଡିକ ବୁଲି ଦେଖିବା ସହ ସେମାନେ ପ୍ରଶ୍ନ ପଚାରି ସନ୍ତୋଷଜନକ ଉତର ପାଇଥିଲେ। ସାହିତ୍ୟ ସୃଜନୀ ଭାଷାର ବିକାଶ, ସୃଜନ ଶୀଳତା, କୌଶଳୀ, ଜିଜ୍ଞାସା ଓ କ୍ରୀଡାଙ୍ଗନ ଦ୍ୱାରା ଛାତ୍ରୀମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିବାବେଳେ କୃତି ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ଶିକ୍ଷା କ୍ଷେତ୍ରରେ ତଥା ଶିକ୍ଷାର୍ଥୀଙ୍କ ମଧ୍ୟରେ ବୈପ୍ଲବିକ ପରିବର୍ତ୍ତନ ଆଣିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ସମସ୍ତେ ମତାମତ ରଖିଥିଲେ।

